NATIONAL CENTRE FOR SCHOOL LEADERSHIP

NCSL

Every Child Learns
Every School Excels

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର

# ବିଦ୍ୟାଳୟ ନେତୃତ୍ୱ ବିକାଶ





# ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପରିକଳ୍ପନା
# ଏବଂ
# ପାଠ୍ୟକ୍ରମ ଆଧାର

राष्ट्रीय शैक्षिक योजना एवं प्रशासन संस्थान
NATIONAL INSTITUTE OF EDUCATIONAL PLANNING AND ADMINISTRATION

ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ

## ଦଳର ସଦସ୍ୟଗଣ

ରଶ୍ମୀ ଦିୱାନ

ସୁନୀତା ଚୁଗ୍

କଶ୍ୟପୀ ଅୱସ୍ତି

ସୁବିଥା ଜି.ଭି

ଏନ୍. ମୈଥିଲୀ

ସୀମା ସିଂ

ଶ୍ରୀୟା ତିୱାରୀ

ଚାରୁସ୍ମିତା ମଲ୍ଲିକ

ନମ୍ରତା

ଦର୍କଶନ ପରୱୀନ

ମୋନିକା ବଜାଜ

Every Child Learns
Every School Excels

राষ্ট্রীয় ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର

# ରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପରିକଳ୍ପନା

## ଏବଂ

# ପାଠ୍ୟକ୍ରମ ଆଧାର

ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ

**ରାଷ୍ଟ୍ରୀୟ  ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ (ନୀପା)**
(ଭାରତ ସରକାଙ୍କ ଦ୍ୱାରା ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟ)

© ନୀପା

ଇଂରାଜୀ ଭାଷାରେ ପ୍ରଥମ ପ୍ରକାଶନ : ଫେବୃଆରୀ ୨୦୧୪

ଓଡିଆ ଭାଷାରେ ପ୍ରକାଶନ  : ଅକ୍ଟୋବର ୨୦୧୮

Published by the Registrar, National University of Educational Planning and Administration (NUEPA), 17-B, Sri Aurobindo Marg, New Delhi - 110016 and Layout Design by Bachan Singh, New Delhi - 110049

# ପୂର୍ବାଭାଷ

ବିଗତ କିଛି ବର୍ଷ ମଧ୍ୟରେ ଭାରତରେ ବିଦ୍ୟାଳୟ ବ୍ୟବସ୍ଥାର ଅଭୂତପୂର୍ବ ବେଗରେ ବହୁଳ ପ୍ରସାର ଘଟିଛି। ପ୍ରାଥମିକ ଶିକ୍ଷା ପାଇଁ ସୁଯୋଗ ସୃଷ୍ଟିକରି ଏହାକୁ ପ୍ରାୟତଃ ସାର୍ବଜନୀନ କରାଯାଇପାରିଛି। ମାଧ୍ୟମିକ ବିଦ୍ୟାଳୟ ଗୁଡିକର ସଂଖ୍ୟାରେ ବହୁଳ ବୃଦ୍ଧି ଘଟିଛି ଏବଂ ଦେଶର ବିଭିନ୍ନ ଭାଗରେ ଏହାର ସାର୍ବଜନୀନକରଣ ଦ୍ରୁତ ଗତିରେ ଆଗେଇଚାଲିଛି। ଏହି ପରିମାଣାତ୍ମକ ପ୍ରସାର ପିଲାମାନଙ୍କର ଅଂଶଗ୍ରହଣ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଥିବାବେଳେ ଶିକ୍ଷାର ଗୁଣାତ୍ମକ ଦିଗ ଏବେବି ଉଦ୍‌ବେଗଜନକ। ପ୍ରକୃତରେ ଗୁଣାତ୍ମକ ଦିଗ ପ୍ରତି ସଚେତନତା ସୃଷ୍ଟି କରିବା କେବଳ ଜାତୀୟସ୍ତରରେ ବଡ ଧରଣର କୌଶଳ ନୀତି ଉପରେ ନିର୍ଭର କରିନଥାଏ। ଏଥି ନିମନ୍ତେ ଆମର ଲକ୍ଷ୍ୟ ହେଉଛି ବ୍ୟବସ୍ଥା ସ୍ତରୀୟ ସଂସ୍କାରରୁ ବିଦ୍ୟାଳୟ ସ୍ତରର କାର୍ଯ୍ୟକୁ ସ୍ଥାନାନ୍ତରଣ କରିବା। ପନ୍ଦର ନିୟୁତ ବିଦ୍ୟାଳୟ ଏଥିରେ ସଂପୃକ୍ତ ହୋଇଥିବାରୁ ଏହା ଏକ ସହଜ ପଦକ୍ଷେପ ନୁହେଁ ଏବଂ ଏହା ଯେ କୌଣସି କେନ୍ଦ୍ର ସ୍ତରୀୟ କାର୍ଯ୍ୟ ମାଧ୍ୟମରେ ହାସଲ କରାଯାଇପାରିବ ନାହିଁ। ପ୍ରତ୍ୟେକ ବିଦ୍ୟାଳୟକୁ ଏକ ଫଳପ୍ରଦ ଶିକ୍ଷଣ ସଂସ୍ଥା ରୂପେ ପରିବର୍ତ୍ତନ କରିବା ନିମନ୍ତେ ସ୍ଥାନୀୟ କର୍ମକର୍ତ୍ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଆବଶ୍ୟକ କରିଥାଏ। ବାସ୍ତବରେ ବିଦ୍ୟାଳୟ ନେତୃତ୍ୱ ବିକାଶ ନିମନ୍ତେ ଜାତୀୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଏହି ପୁସ୍ତିକାରେ ଉପସ୍ଥାପନ କରାଯାଇଛି। ନିଃସନ୍ଦେହ ଭାବରେ ଏହି କାର୍ଯ୍ୟପନ୍ଥାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାନ୍ତି।

ଏହି ପୁସ୍ତିକାରେ ଉପସ୍ଥାପିତ କାର୍ଯ୍ୟକ୍ରମର ଢାଞ୍ଚା ଓ ପାଠ୍ୟକ୍ରମ ରୂପରେଖର ମୌଳିକ ନୀତିଗୁଡିକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି ଯାହା ପ୍ରତ୍ୟେକ ବିଦ୍ୟାଳୟ ରୂପାନ୍ତରଣ ଏବଂ ପରିବର୍ତ୍ତନରେ ଏକ କାର୍ଯ୍ୟସୂଚୀ ଭାବେ କାର୍ଯ୍ୟ କରିବ। ନେତୃତ୍ୱ ବିକାଶର ସାମର୍ଥ୍ୟ ବୃଦ୍ଧିକୁ ଗବେଷଣା ଏବଂ ଆନୁଷ୍ଠାନିକ ଯୋଗାଯୋଗ ମାଧ୍ୟମରେ ସହାୟତା ଦେବାର ଆବଶ୍ୟକତା ଉପରେ ଏହା ଗୁରୁତ୍ୱାରୋପ କରୁଛି। ବିଦ୍ୟାଳୟ ବ୍ୟବସ୍ଥାରେ ନେତୃତ୍ୱର ସାମର୍ଥ୍ୟ ବିକାଶରେ ବିଷୟବସ୍ତୁ ଏବଂ ପ୍ରକ୍ରିୟାକୁ ଏହା ମଧ୍ୟ ସାବଲୀଳ ଢଙ୍ଗରେ ଉପସ୍ଥାପନା କରୁଛି। ପାଠ୍ୟକ୍ରମରେ ଶିକ୍ଷାର୍ଥୀ, ଶିକ୍ଷଣ ଓ ଶିକ୍ଷାଦାନକୁ ସମସ୍ତ କାର୍ଯ୍ୟର ମୁଖ୍ୟ ଉଦ୍ଦେଶ୍ୟଭାବେ ବିବେଚନା କରାଯାଇଛି। ଏହି ପାଠ୍ୟକ୍ରମ ପର୍ଯ୍ୟାୟକ୍ରମେ ସଂଗଠିତ ହୋଇଥିବା ଜାତୀୟ ଏବଂ ରାଜ୍ୟସ୍ତରର ପରାମର୍ଶ ଉପରେ ଆଧାରିତ ଏବଂ ଏହା ଅନେକ ଅଭିଜ୍ଞ ଆଞ୍ଚଳିକ କର୍ମକର୍ତ୍ତାମାନଙ୍କର ଏକତ୍ରିତ ଚିନ୍ତାଧାରା ଉପରେ ପର୍ଯ୍ୟବସିତ ହୋଇଅଛି। ଏହି ପାଠ୍ୟକ୍ରମ ବିଦ୍ୟାଳୟର ଗୁଣବତ୍ତା ପ୍ରତି କେବଳ ସଚେତନ ନୁହେଁ, ଏହା ମଧ୍ୟ ଆମ ବିଦ୍ୟାଳୟର ସାମାଜିକ ପୃଷ୍ଠଭୂମି ଏବଂ ବିବିଧତାକୁ ଦୃଷ୍ଟିରେ ରଖି ସମତା ରକ୍ଷା ପାଇଁ ଆବଶ୍ୟକତା ପୂରଣ କରିବାକୁ ଅଧିକ ଚେଷ୍ଟିତ। ଯେ କୌଣସି ପାଠ୍ୟକ୍ରମ ବିଦ୍ୟାଳୟ ବ୍ୟବସ୍ଥାର ପରିବର୍ତ୍ତନଶୀଳ ଆବଶ୍ୟକତା ପ୍ରତି ଦାୟିତ୍ୱ ବହନ କରି ଗତିଶୀଳ ହେବା ବିଧେୟ। ଏହାକୁ ଦୃଷ୍ଟିରେ ରଖି ଏବଂ କ୍ଷେତ୍ରୀୟ

କର୍ମକର୍ତ୍ତାଙ୍କଠାରୁ ପ୍ରତିପୁଷ୍ଟି ଆଧାରରେ ଆମେ ଏଠାରେ ଏକ ଅତିରିକ୍ତ ମୁଖ୍ୟ ବିଭାଗ "ବିଦ୍ୟାଳୟ ପ୍ରଶାସନ ନେତୃତ୍ୱ" କୁ ପାଠ୍ୟକ୍ରମ ରୂପରେଖରେ ସନ୍ନିବେଶିତ କରିଛୁ ଯେଉଁଥିରେ ବିଦ୍ୟାଳୟକୁ ନେତୃତ୍ୱ ଦେବାରେ ପ୍ରଶାସନ ଏବଂ ଆର୍ଥିକ ଦିଗ ଅନ୍ତର୍ଭୁକ୍ତ।

ମୁଁ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ରର ଗୋଷ୍ଠୀକୁ ଏହି ପୁସ୍ତକ ପ୍ରସ୍ତୁତି ଓ ପ୍ରକାଶ କରିଥିବା ଯୋଗୁ ଅଭିନନ୍ଦନ ଜଣାଉଛି ଏବଂ ରାଜ୍ୟ ସରକାରଙ୍କର ଅଧିକାରୀ, ବିଦ୍ୟାଳୟ ଗୁଡିକର ମୁଖ୍ୟ ଏବଂ ଏଥି ସହିତ ସଂପର୍କିତ ଅନ୍ୟ ସମସ୍ତ ବିଭାଗର କର୍ମକର୍ତ୍ତାମାନଙ୍କର ସହଯୋଗ କାମନା କରୁଛି।

ନୂଆଦିଲ୍ଲୀ
ଅପ୍ରେଲ ୧, ୨୦୧୫

**ଆର. ଗୋବିନ୍ଦା**
କୁଳପତି

# କୃତଜ୍ଞତା

ବିଦ୍ୟାଳୟ ନେତୃତ୍ୱଧାରୀଙ୍କ ଜ୍ଞାନ, କୌଶଳ ଓ ମନୋବୃତ୍ତିର ସଶକ୍ତିକରଣ ସହ ବିଦ୍ୟାଳୟ ରୂପାନ୍ତରଣ ପାଇଁ ନୀପାରେ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର (NCSL) ସ୍ଥାପାନ କରାଯାଇଛି । ବିଦ୍ୟାଳୟ ନେତୃତ୍ୱ ବିକାଶ ଉପରେ କାର୍ଯ୍ୟକ୍ରମ ଓ ପାଠ୍ୟକ୍ରମ ରୂପରେଖ ପ୍ରସ୍ତୁତ କରିବାରେ NCSL ନିଜକୁ ନିୟୋଜିତ କରିଛି ।

ମାନବ ସମ୍ବଳ ବିକାଶ ବିଭାଗ (MHRD) କେନ୍ଦ୍ରର ସମସ୍ତ କାର୍ଯ୍ୟକୁ ଫଳପ୍ରଦଭାବେ ସଂପନ୍ନ କରିବାର ସମର୍ଥନ କରିଥିବାରୁ ଆମେ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହା ଜାତୀୟ ସ୍ତରରୁ ଆରମ୍ଭ କରି ରାଜ୍ୟ ସ୍ତର ମଧ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ସ୍ତରରେ ରଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର, ଜାତୀୟ ସାଧନ ଦଳ, ରାଜ୍ୟ ସରକାର ଓ ରାଜ୍ୟ ସାଧନ ଦଳ ମଧ୍ୟରେ ଆଲୋଚନା, ବୈଠକ ଓ ପରାମର୍ଶ ଫଳାଫଳର ଏକ ଦଲିଲ ଅଟେ । ଏହି ଦଲିଲ ବିକାଶର ପ୍ରତ୍ୟେକ ସୋପାନରେ ଆମେ ପ୍ରତ୍ୟେକ ସଦସ୍ୟଙ୍କୁ ସେମାନଙ୍କର ସହାୟତା, ପଥପ୍ରଦର୍ଶନ ଓ ଉତ୍ସାହ ପାଇଁ କୃତଜ୍ଞତା ଜ୍ଞାପନ କରୁଛୁ । ଆମର ମାର୍ଗଦର୍ଶକ ଶ୍ରୀଯୁକ୍ତ ଆଦିତ୍ୟ ନଟରାଜ, ଶ୍ରୀଯୁକ୍ତ ସୁନୀଲ ବାତ୍ରା ଓ ଶ୍ରୀମତୀ ଶଶୀ ମେଣ୍ଡିରାର୍ଡ୍ଟାଙ୍କୁ ବିଶେଷ ଭାବରେ ଧନ୍ୟବାଦ ଦେଉଛୁ । ଡକ୍ଟର ରବିନ୍ ଆର୍ଟଫିଲ୍ ଏବଂ ଡକ୍ଟର ରଶ୍ମି ସିହ୍ନାଙ୍କୁ ଧନ୍ୟବାଦ । ଏହି କେନ୍ଦ୍ରଟି UK ର ରାଷ୍ଟ୍ରୀୟ ଶିକ୍ଷାଦାନ ଏବଂ ନେତୃତ୍ୱ ମହାବିଦ୍ୟାଳୟର (NCTL, UK) ସହଭାଗିତାରେ କାର୍ଯ୍ୟ କରୁଛି ।

ଆମେ ଶ୍ରୀଯୁକ୍ତ ଏସ୍. କେ. ଭଟ୍ଟନାଗର, ଶ୍ରୀମତୀ ଅଳକା ନେଗୀ, ଶ୍ରୀମତୀ ଗୁରୁମିତ୍ ସାରଙ୍ଗଙ୍କୁ ସେମାନଙ୍କର ପ୍ରଶାସନିକ ଓ ସଚିବାଳୟସ୍ତରୀୟ ସହାୟତା ପାଇଁ ଧନ୍ୟବାଦ ଜଣାଉଛୁ ।

ସଂପାଦନା ଓ ପ୍ରକାଶନରେ ନୀପାର ସମସ୍ତ ସଦସ୍ୟ ତଥା ବିଶେଷ କରି ଶ୍ରୀଯୁକ୍ତ ସୋମନାଥ ସରକାର, ଶ୍ରୀଯୁକ୍ତ ପ୍ରମୋଦ ରାୱତ ଓ ଶ୍ରୀଯୁକ୍ତ ଅମିତ ସିଂହଲ୍‌ଙ୍କୁ ସେମାନଙ୍କର ଅବିରାମ ପ୍ରଚେଷ୍ଟା ନିମିତ୍ତ ଆନ୍ତରିକ ଧନ୍ୟବାଦ ଜଣାଉଛୁ ।

# ଓଡିଆ ଅନୁବାଦ କର୍ମଶାଳା
# କୃତଜ୍ଞତା

## ପ୍ରଶାସନିକ ମାର୍ଗଦର୍ଶନ

ଶ୍ରୀଯୁକ୍ତ ଭୁପିନ୍ଦ୍ର ସିଂ ପୁନିଆ, (ଭା.ପ୍ର.ସେ)
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, (ଓପେପା)
ଶୈକ୍ଷିକ ସହୟତା
ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ମିଶ୍ର, (ଓ.ଇ.ଏସ୍-୧)
ଉପନିର୍ଦ୍ଦେଶକ, ଶିକ୍ଷକ ପ୍ରଶିକ୍ଷଣ, ଓପେପା
ମିତାଲି ପାତ୍ର, ପ୍ରଶିକ୍ଷଣ ସଂଯୋଜିକା, ଓପେପା

## ସମୀକ୍ଷା

ପ୍ରଫେସର ଡକ୍ଟର ଉଦୟ ନାଥ ଦାଶ
ଡକ୍ଟର ମୋହିତ ମହୋନ ମହାନ୍ତି
ଡକ୍ଟର ଦୁର୍ଯ୍ୟୋଧନ ଦାଶ

## ସାଧନ କର୍ମୀ

ମମତା ସ୍ୱାଇଁ
ସ୍ନେହପ୍ରଭା ମହାପାତ୍ର
ଡକ୍ଟର ସୁସନ୍ଧ୍ୟା ମହାନ୍ତି
ନନ୍ଦିତା ମଞ୍ଜରୀ ରଥ
ସତ୍ୟଜିତ ମହାପାତ୍ର
ଲିପିକା ସାହୁ
ପ୍ରଶାନ୍ତ କୁମାର ରଥ
ସନ୍ତୋଷ କୁମାର ପରିଡା
ସଂଯୁକ୍ତା ଷଡଙ୍ଗୀ
କବିତା କାନୁନଗୋ
ସଂଘମିତ୍ରା ଦେଓଭଞ୍ଜ
ଗୋପାଳ ତ୍ରିପାଠୀ
ସ୍ୱୟଂସିଦ୍ଧା
ରଜନୀକାନ୍ତ ସାହୁ

# ସୂଚୀପତ୍ର


ମୁଖବନ୍ଧ III

କୃତଜ୍ଞତା V

**୧. ଉପକ୍ରମ** **1**

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର

**୨. କାର୍ଯ୍ୟକାରୀ ଆଧାର** **2**

ଜାତୀୟ ସ୍ତରୀୟରେ 4

ରାଜ୍ୟ ସ୍ତରୀୟରେ 4

**୩. ବିଦ୍ୟାଳୟ ନେତୃତ୍ୱ କାର୍ଯ୍ୟକ୍ରମ ନିମିତ୍ତ ପନ୍ଥା** **6**

ପରିସର ୧ : ପାଠ୍ୟକ୍ରମ ଓ ସାମଗ୍ରୀ ପ୍ରସ୍ତୁତି 6

ପରିସର ୨ : ସାମର୍ଥ୍ୟ ବିକାଶ 7

ପରିସର ୩ : ଯୋଗାଯୋଗ ସ୍ଥାପନ ଓ ଆନୁଷ୍ଠାନିକ ବିକାଶ 9

ପରିସର ୪ : ଗବେଷଣା ଏବଂ ବିକାଶ 10

**୪. ବିଦ୍ୟାଳୟ ନେତୃତ୍ୱ ବିକାଶ ନିମନ୍ତେ ପାଠ୍ୟକ୍ରମ ଆଧାର** **11**

ସାମଗ୍ରୀକ ଲକ୍ଷ୍ୟ 12

ମାର୍ଗଦର୍ଶୀ ନୀତି ସମୂହ 12

ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ 12

**୫. ମୁଖ୍ୟ ବିଭାଗ** **13**

ମୁଖ୍ୟ ବିଭାଗ ୧ : ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ଦୃଷ୍ଟିଭଙ୍ଗୀ 15

ମୁଖ୍ୟ ବିଭାଗ ୨ : ଆତ୍ମ ବିକାଶ 17

ମୁଖ୍ୟ ବିଭାଗ ୩ : ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ 18

ମୁଖ୍ୟ ବିଭାଗ ୪ : ଦଳଗଠନ କରିବା ଓ ନେତୃତ୍ୱ ଦେବା 20

ମୁଖ୍ୟ ବିଭାଗ ୫ : ଅଭିନବକରଣର ନେତୃତ୍ୱ ନେବା 21

ମୁଖ୍ୟ ବିଭାଗ ୬ : ସହଭାଗିତାର ନେତୃତ୍ୱ ନେବା 22

ମୁଖ୍ୟ ବିଭାଗ ୭ : ବିଦ୍ୟାଳୟ ପ୍ରଶାସନର ନେତୃତ୍ୱ ନେବା 23

**ସ୍ୱତନ୍ତ୍ର କେନ୍ଦ୍ରୀୟ ବିଭାଗ** **25**

**ସାମଗ୍ରୀ ପ୍ରସ୍ତୁତି : ଅନୁକୂଳନ ଏବଂ ପ୍ରାସଙ୍ଗୀକରଣ** **28**

# ଉପକ୍ରମ

ବିଦ୍ୟାଳୟ ଗୁଡିକ ବର୍ତ୍ତମାନ ଅଭୂତପୂର୍ବଭାବେ ଜନସାଧାରଣଙ୍କ ପରିସରଭୁକ୍ତ ହୋଇଛି। ସେଥିପାଇଁ ଅଧିକ ସମତାପନ୍ନ ସମାଜର ଆଶା ଆକାଂକ୍ଷା ଉପଯୋଗୀ ହେବା ପାଇଁ ବିଦ୍ୟାଳୟର ପରିବର୍ତ୍ତନ ଅନିର୍ବାର୍ଯ୍ୟ ଅଟେ। 'ବିଦ୍ୟାଳୟର ସଂପୂର୍ଣ୍ଣ ପରିବର୍ତ୍ତନ ହେବା ଆବଶ୍ୟକ' ଏହି ଉପଲବ୍ଧି ଏକ ପରିଚାଳକ ଏବଂ ନେତୃତ୍ୱ ସ୍ଥାନୀୟ ବ୍ୟକ୍ତିଭାବେ ବିଦ୍ୟାଳୟ ମୁଖ୍ୟଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରୁଛି। ଭାରତ ପରିପ୍ରେକ୍ଷୀରେ ବିଦ୍ୟାଳୟ ନେତୃତ୍ୱ ବିକାଶର ଏକ ସୁସଂଗଠିତ ପନ୍ଥାର ଆବଶ୍ୟକତା ଶିକ୍ଷାରେ ଅଧିକାର ଆଧାରିତ ପନ୍ଥା ପରିପ୍ରେକ୍ଷୀରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଏହିପରି ଶିକ୍ଷା ପାଇଁ ସମାନ ସୁବିଧାର ଅଧିକାର, ଗୁଣାତ୍ମକ ଶିକ୍ଷାପାଇଁ ଅଧିକାର ଏବଂ ଆନନ୍ଦମୟ ଶିକ୍ଷଣ ପରିବେଶର ଅଧିକାର ଅନ୍ତର୍ଭୁକ୍ତ। ଏହାର ଉପଲବ୍ଧି ବହୁଭାବରେ ଏକ ଫଳପ୍ରଦ ନେତୃତ୍ୱ ଉପରେ ନିର୍ଭର କରେ ଯାହା ବିଦ୍ୟାଳୟ ପରିବର୍ତ୍ତନରେ ନିଜକୁ ନିୟୋଜିତ କରିଥାଏ। କଷ୍ଟକର ପରିସ୍ଥିତିରେ କାର୍ଯ୍ୟରତ ବିଦ୍ୟାଳୟ ଗୁଡିକରେ ଉପଲବ୍ଧ ସ୍ୱଳ୍ପ ସମ୍ବଳ ସାଙ୍ଗକୁ ପିତାମାତା ଓ ଗୋଷ୍ଠୀର ଅତ୍ୟଧିକ ଆଶା ବିଦ୍ୟାଳୟରେ ନେତୃତ୍ୱକୁ ଅଧିକ ଗୁରୁତ୍ୱପୂର୍ଣ୍ଣ କରିଥାଏ। ଏପରି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନେତୃତ୍ୱଧାରୀ ବ୍ୟକ୍ତିମାନଙ୍କୁ ପର୍ଯ୍ୟାପ୍ତ ଜ୍ଞାନ ଓ କୌଶଳ ହାସଲ କରିବା ଆବଶ୍ୟକ ହୋଇଥାଏ। ଏହାଦ୍ୱାରା ସେମାନେ ବର୍ତ୍ତମାନ ପରିସ୍ଥିତିରେ ବିଦ୍ୟାଳୟରେ ଉପୁଜୁଥିବା ଆହ୍ୱାନ ଏବଂ ଉପଲବ୍ଧ ସମସ୍ତ ସୁଯୋଗର ସୂକ୍ଷ୍ମ ବିଶ୍ଳେଷଣ କରିବାରେ ସମର୍ଥ ହେବେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ମୁଖ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନୀ ପ୍ରତିଭା ଏବଂ ଅଭିନବ ପ୍ରଚେଷ୍ଟା ଉଦ୍ରେକ କରିବାରେ ପ୍ରୋତ୍ସାହିତ କରିବା ଆବଶ୍ୟକ। ଢାଞ୍ଚା ଏବଂ ପ୍ରକ୍ରିୟାମାନ ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଦ୍ୱାରା ସେମାନେ ବିଦ୍ୟାଳୟକୁ 'ଉତ୍କର୍ଷତାର କେନ୍ଦ୍ର' ଭାବେ ରୂପାନ୍ତରଣ କରିବାରେ ସକ୍ଷମ ହେବେ।

ବିଦ୍ୟାଳୟ ସମାଜରୁ ଅଲଗା ହୋଇ ରହିନଥାଏ ବରଂ ବାସ୍ତବରେ ଯେଉଁ ସ୍ଥାନରେ ଏହା ଅବସ୍ଥିତ ଏବଂ କାର୍ଯ୍ୟରତ, ସେହି ସ୍ଥାନର ରାଜନୈତିକ, ସାମାଜିକ, ଅର୍ଥନୈତିକ, ଧାର୍ମିକ ଏବଂ ସାଂସ୍କୃତିକ ଦିଗଗୁଡିକ ଏହାର କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଥାଏ। ତେଣୁ, ବିଦ୍ୟାଳୟ ନେତୃତ୍ୱ କାର୍ଯ୍ୟକ୍ରମର ଏହି ବୃହତ୍ତର ସାମାଜିକ ଦିଗଗୁଡିକୁ ଅଲଗା କରିବା କଷ୍ଟକର ଯାହା ବିଦ୍ୟାଳୟକୁ 'ଉତ୍କର୍ଷତାର କେନ୍ଦ୍ର'ରେ ପରିଣତ କରିବା ଲକ୍ଷ୍ୟ ରଖିଥାଏ। ଏହା ନେତୃତ୍ୱ ଭୂମିକାରେ ପୂର୍ଣ୍ଣମାତ୍ରାରେ ପରିବର୍ତ୍ତନ ଆଣିବାକୁ ପ୍ରାଧାନ୍ୟ ଦିଏ ଏବଂ ଏହା ମାଧ୍ୟମରେ ନେତୃତ୍ୱଧାରୀ ବ୍ୟକ୍ତି କେବଳ ପରିଚାଳନାଗତ ଓ ପ୍ରଶାସନଗତ ଦାୟିତ୍ୱବୋଧରେ ସୀମିତ ନ ରହି ପଥ ପ୍ରଦର୍ଶକ ଭାବେ ନିଜକୁ ପ୍ରସ୍ତୁତ କରିଥାଏ। ଏହା ବୁଝିବାକୁ ହେବ ଯେ ବିଦ୍ୟାଳୟର କାର୍ଯ୍ୟବିଧିରେ ସଂପୂର୍ଣ୍ଣ ପରିବର୍ତ୍ତନ ଆଣିବା ନିମନ୍ତେ ବିଦ୍ୟାଳୟର ମୁଖ୍ୟଙ୍କୁ ଜଣେ ପ୍ରାଥମିକ ପରିବର୍ତ୍ତନକାରୀ ଭାବେ କାର୍ଯ୍ୟ କରିବାକୁ ପଡିବ। ତେଣୁ ରୂପାନ୍ତରଣର ପ୍ରଥମ ସୋପାନ ଭାବେ ବିଦ୍ୟାଳୟ ମୁଖ୍ୟଙ୍କର ଦକ୍ଷତାର ବିକାଶ କରିବା ନିଶ୍ଚିତ ଆବଶ୍ୟକ ହୋଇଥାଏ। ଏଥି ପାଇଁ ବିଦ୍ୟାଳୟର ମୁଖ୍ୟ ନିଜକୁ ଚିରାଚରିତ ତାଲିମ ପଦ୍ଧତିରୁ ଦୂରେଇ ରଖି ବିଦ୍ୟାଳୟର ବାସ୍ତବ ସମସ୍ୟାକୁ ସାମନା କରିବା ନିମିତ୍ତ ଦୀର୍ଘକାଳୀନ ବିକାଶ ଯୋଜନା

ପ୍ରସ୍ତୁତ କରିବେ। ଏହି ଦିଗରେ ସାରାଦେଶରେ ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ବିଦ୍ୟାଳୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହେଲାଣି। ବିଦ୍ୟାଳୟ ମୁଖ୍ୟଙ୍କର ଦକ୍ଷତାର ଉନ୍ନତି ନିମନ୍ତେ ନିରବଚ୍ଛିନ୍ନ ଭାବେ ଦୀର୍ଘ ସମୟ ପାଇଁ ଏହା କାର୍ଯ୍ୟ କରିବ।

## ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର (NCSL) :

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର (NCSL-NUEPA) ସ୍ଥାପିତ ହେବାର ମୂଳ ଲକ୍ଷ୍ୟ ହେଉଛି ସାଧାରଣ ବିଦ୍ୟାଳୟକୁ ଉତ୍କର୍ଷ ବିଦ୍ୟାଳୟରେ ରୂପାନ୍ତର କରିବା ଏବଂ ପରିଣତି ସ୍ୱରୂପ ବିଦ୍ୟାଳୟ ନେତୃତ୍ୱ ବିକାଶ ମାଧମରେ ସମଗ୍ର ବିଦ୍ୟାଳୟ ବ୍ୟବସ୍ଥାର ରୂପାନ୍ତରଣ କରିବା। ତେଣୁ NCSL ବିଦ୍ୟାଳୟର ରୂପାନ୍ତରଣ ନିମନ୍ତେ ବିଦ୍ୟାଳୟ ମୁଖ୍ୟଙ୍କର ବ୍ୟକ୍ତିତ୍ୱ ଗଠନ ପାଇଁ ଅଗ୍ରାଧିକାର ଦେଉଛି। ପ୍ରଶାସନିକ ଅଧିକାରୀ ଏବଂ ବୃତ୍ତିଧାରୀମାନଙ୍କର ନିରବଚ୍ଛିନ୍ନ ପ୍ରଚେଷ୍ଟାରେ ଏବଂ ସମସ୍ତ ହିତାଧିକାରୀଙ୍କ ସହଭାଗିତାରେ ବିଦ୍ୟାଳୟର ରୂପାନ୍ତରଣ ସମ୍ଭବ ହୋଇପାରିବ। ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ସାରା ଦେଶରେ ବିଦ୍ୟାଳୟ ଶିକ୍ଷାର ଏହି ବିଶିଷ୍ଟ କ୍ଷେତ୍ରର ସାମଗ୍ରୀକ ବିକାଶ ପାଇଁ ଆଶାପୋଷଣ କରେ।



ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ନେତୃତ୍ୱର ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସାରାଦେଶରେ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଥିବା ବିବିଧତାକୁ ଏକ ନମନୀୟ ରୂପରେଖ ଅନୁସାରେ କାର୍ଯ୍ୟକାରୀ କରିବାର କଳ୍ପନା କରେ। ଛୋଟ ବଡ଼ ସମସ୍ତ ଆକାରର ବିଦ୍ୟାଳୟ, ବିଭିନ୍ନ ସଂଗଠନ ଦ୍ୱାରା ପରିଚାଳିତ ବିଭିନ୍ନ ଭୌଗୋଳିକ ପରିସ୍ଥିତିରେ ଥିବା ଏବଂ ବିଭିନ୍ନ ପ୍ରକାର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭଳି ସମସ୍ତ ବିଦ୍ୟାଳୟଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ଯେଉଁ ଦୂରଦୃଷ୍ଟି ଏବଂ ଲକ୍ଷ୍ୟ ଉପରେ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି, ସେଗୁଡ଼ିକ ଦେଶର ପ୍ରତ୍ୟେକ ବିଦ୍ୟାଳୟର ରୂପାନ୍ତରଣ କରିବାର ଲକ୍ଷ୍ୟ ହାସଲକୁ ସ୍ପଷ୍ଟଭାବେ ସୂଚାଇଥାନ୍ତି।

## ଦୃଷ୍ଟି

**ବିଦ୍ୟାଳୟ ରୂପାନ୍ତରଣ ନିମିତ୍ତ ନୂତନ ପୀଢ଼ିର ନେତୃବୃନ୍ଦ ସୃଷ୍ଟି କରିବା ଯଦ୍ୱାରା ପ୍ରତ୍ୟେକ ପିଲା ଶିଖିବେ ଏବଂ ପ୍ରତ୍ୟେକ ବିଦ୍ୟାଳୟ ଉତ୍କର୍ଷତା ହାସଲ କରିବେ।**

## ଲକ୍ଷ୍ୟ

**ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମିତ୍ତ ଅନୁଷ୍ଠାନ ଗଠନ କରିବାରେ ବିଦ୍ୟାଳୟସ୍ତରୀୟ ନେତୃତ୍ୱ ଦକ୍ଷତାର ଅଭିବୃଦ୍ଧି**





# କାର୍ଯ୍ୟାନ୍ୱୟନ ରୂପରେଖ

ନୂତନ ପିଢ଼ିର ନେତୃବୃନ୍ଦ ସୃଷ୍ଟି ଦ୍ୱାରା ବିଦ୍ୟାଳୟ ରୂପାନ୍ତରଣ କରିବାର ଲକ୍ଷ୍ୟକୁ ସାକାର କରିବା ନିମିତ୍ତ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ଜାତୀୟ ଏବଂ ରାଜ୍ୟସ୍ତରର ଅନୁଷ୍ଠାନମାନଙ୍କ ମଧ୍ୟରେ ସହଯୋଗୀ ପ୍ରୟାସ ସୃଷ୍ଟିକରି ସାମୂହିକ ଶିକ୍ଷଣ ଅଭିଜ୍ଞତାର ବିକାଶ କରିଥାଏ। ଏଗୁଡ଼ିକ ନିମ୍ନରେ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି।




## ଜାତୀୟ ସ୍ତରରେ

ନୀପାର କୁଳପତି ପ୍ରଫେସର ଆର. ଗୋବିନ୍ଦାଙ୍କ ନେତୃତ୍ୱରେ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର କାର୍ଯ୍ୟ କରୁଅଛି। ଏହାକୁ ମଧ୍ୟ ଜାତୀୟ ଉପଦେଷ୍ଟା ମଣ୍ଡଳୀ (NAG) ଜାତୀୟ ସାଧନ ଗୋଷ୍ଠୀ (NRG) ଏବଂ ମାର୍ଗଦର୍ଶକ ବୃନ୍ଦଙ୍କ ଭଳି କେତେକ ବିଶେଷଜ୍ଞମାନଙ୍କର ଏକ ଗୋଷ୍ଠୀ ଦିଗ୍‌ଦର୍ଶନ ଦେଇଥାନ୍ତି। ଜାତୀୟ ସ୍ତରରେ ବିଦ୍ୟାଳୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ସମସ୍ତ ଦିଗକୁ ରାଷ୍ଟ୍ରୀୟ ପ୍ରତିଷ୍ଠାନ ଅଧିନସ୍ଥିତ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ପରିଚାଳନା କରୁଅଛି। ଏହା ମଧ୍ୟ ଆନ୍ତର୍ଜାତୀୟ ସ୍ତରର ଯୁକ୍ତରାଜ୍ୟର ନଟିଂହାମ ସ୍ଥିତ National College & Teacher Leadership (NCTL) ର ଘନିଷ୍ଠ ସହଭାଗିତାରେ କାର୍ଯ୍ୟ କରୁଛି।

## ରାଜ୍ୟସ୍ତରରେ

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ରର (NCSL) କାର୍ଯ୍ୟକଳାପ ଏବଂ ଗତିବିଧି ଆବଶ୍ୟକତା ଅନୁଯାୟୀ ଏବଂ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଂଚଳ ତଥା ଜାତୀୟ ସ୍ତରରେ ସମସ୍ତ ହିତାଧିକାରୀଙ୍କର ସହଭାଗୀତା ମାଧ୍ୟମରେ ହୋଇଥାଏ। ରାଜ୍ୟ ନେତୃତ୍ୱ ବିକାଶର ରୂପାୟନ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଯୋଗାଯୋଗ ସ୍ଥାପନ କରି କରାଯିବ। ରାଜ୍ୟ ସାଧନ ଗୋଷ୍ଠୀ ରାଜ୍ୟଭିତ୍ତିକ ବିଶିଷ୍ଟ କାର୍ଯ୍ୟକ୍ରମ ଓ ସାମଗ୍ରୀକ ବିକାଶ କରିବେ ଏବଂ ଏନ୍‌ସିଏସ୍‌ଏଲ, ନୀପା ସହିତ ମିଶି ନେତୃତ୍ୱ ଏକାଡ଼େମୀର ସ୍ଥାପନା କରିବା ନିମନ୍ତେ ଏକ ବିଶେଷଜ୍ଞ ଦଳଗଠନ କରିବ। ନେତୃତ୍ୱ ଏକାଡ଼େମୀ ଏବଂ ରାଜ୍ୟ ସାଧନ ଗୋଷ୍ଠୀ ମିଶି ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ରର ଗତିବିଧିକୁ ସାହାଯ୍ୟ କରିବେ। ଏହି ପ୍ରକାରରେ କାର୍ଯ୍ୟକ୍ରମ ପ୍ରତ୍ୟେକ ରାଜ୍ୟରେ ଏକ ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ ସୃଷ୍ଟି କରିବ ଯେଉଁମାନେ ଆଲୋଚନାଚକ୍ର, ୱେବିନାର (Webinar) ନେଟୱାର୍କ ଏବଂ ପ୍ରଶିକ୍ଷଣ ପାଠ୍ୟକ୍ରମ ମାଧ୍ୟମରେ ଏନ୍‌ସିଏସ୍‌ଏଲ, ନୀପା ସହିତ ଯୋଗାଯୋଗ ସ୍ଥାପନ କରିବ।

# ବିଦ୍ୟାଳୟ ନେତୃତ୍ୱ କାର୍ଯ୍ୟକ୍ରମ ପନ୍ଥା

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ଏପରି ଏକ ନମନୀୟ କାର୍ଯ୍ୟକ୍ରମ ରୂପରେଖର ପରିକଳ୍ପନା କରିଛି ଯାହା ନେତୃତ୍ୱ ବିକାଶ ମାଧ୍ୟମରେ ସାରାଦେଶରେ ବିଦ୍ୟାଳୟଗୁଡ଼ିକ ମଧ୍ୟରେ ପରିଲକ୍ଷିତ ହେଉଥିବା ବିବିଧତାକୁ ସମ୍ବୋଧିତ କରିପାରିବ। ଏହି କାର୍ଯ୍ୟକ୍ରମରେ ବିବିଧ ପରିସ୍ଥିତିର ସମସ୍ତ ପ୍ରକାରର ବିଦ୍ୟାଳୟର ଅନ୍ତର୍ଭୁକ୍ତ କରାଯିବାର ପରିକଳ୍ପନା ରହିଛି। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମାଧ୍ୟମିକ ଏବଂ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଅନ୍ତର୍ଭୁକ୍ତ ଯାହାକି ଭିନ୍ନଭିନ୍ନ ପ୍ରକାରର ପରିଚାଳନା, ଭୌଗୋଳିକ ଅବସ୍ଥିତ, ବିବିଧ ଆକାରର ହୋଇଥାନ୍ତି। ଶିକ୍ଷାରେ ଅଧିକାର ଭିତ୍ତିକ ପନ୍ଥା ପ୍ରସଙ୍ଗରେ ଏହି କାର୍ଯ୍ୟକ୍ରମ ସ୍ୱତନ୍ତ୍ର ତାତ୍ପର୍ଯ୍ୟ ହାସଲ କରିଛି। ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ପରଚିଚାଳନାଗତ କାର୍ଯ୍ୟଦ୍ୱାରା ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ପରିକଳ୍ପନା କରିଛି। ଏହାର ଚାରୋଟି ପରିସର ଅଛି ଯଥା-

- ପାଠ୍ୟକ୍ରମ ଓ ସାମଗ୍ରୀ ପ୍ରସ୍ତୁତି
- ସାମର୍ଥ୍ୟ ବିକାଶ
- ଯୋଗାଯୋଗ (Networking) ଏବଂ ଅନୁଷ୍ଠାନ ବିକାଶ
- ଗବେଷଣା ଓ ବିକାଶ

ପାଠ୍ୟକ୍ରମ ଓ ସାମଗ୍ରୀ ପ୍ରସ୍ତୁତି ରାଜ୍ୟ ସାଧନଗୋଷ୍ଠୀ ଏବଂ ବିଦ୍ୟାଳୟ ମୁଖ୍ୟମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଦୃଢ଼ ଭିତ୍ତିଭୂମି ଯୋଗାଇବ। ଯୋଗାଯୋଗ (Networking) ଏବଂ ଗବେଷଣାକୁ ଏକ ସମାନ୍ତରାଳ କାର୍ଯ୍ୟ ବୋଲି ମାନ୍ୟତା ଦିଆଯାଇଛି। ଯାହା ମାଧ୍ୟମରେ ସାଧନକର୍ମୀ ଏବଂ ବିଦ୍ୟାଳୟ ମୁଖ୍ୟମାନଙ୍କୁ ଏକତ୍ରିତ କରାଯାଇ ନେତୃତ୍ୱ ବିକାଶ ପ୍ରକ୍ରିୟାର ବିକାଶ, ସଂଗଠନ ଏବଂ ଅଧ୍ୟୟନର କାର୍ଯ୍ୟକାରୀ କରାଯାଇ ପାରିବ। ଏହି ମୁଖ୍ୟ ବିଭାଗଗୁଡ଼ିକର ପରସ୍ପର ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି କେନ୍ଦ୍ରର କାର୍ଯ୍ୟକ୍ରମ ଏପରି ନିରୂପଣ କରାଯାଇଛି ଯେପରି ପାଠ୍ୟକ୍ରମ ବିକାଶ, କ୍ଷେତ୍ରପରୀକ୍ଷଣ ଓ ସମୀକ୍ଷା ଏବଂ ପ୍ରତିପୃଷ୍ଟି ଦେବା ମଧ୍ୟରେ ସମ୍ମିଳିତ ସଂପର୍କ ରକ୍ଷା କରାଯାଇପାରିବ। ଏହା ନୂତନ ଜ୍ଞାନର ସୃଷ୍ଟି, କାର୍ଯ୍ୟକ୍ରମର ଢାଞ୍ଚା ପ୍ରସ୍ତୁତି, ଯୋଜନା ଏବଂ ବିକାଶ ନିମନ୍ତେ ଯୋଜନା, ସାମଗ୍ରୀ ପ୍ରସ୍ତୁତି ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତିଙ୍କ ନିମନ୍ତେ ସାମଗ୍ରୀ ପ୍ରସ୍ତୁତି ଓ କାର୍ଯ୍ୟଯୋଜନା କରିବାରେ ସାହାଯ୍ୟ କରିବ ଏବଂ ବିଦ୍ୟାଳୟ ନେତୃତ୍ୱ ନିମନ୍ତେ ଉଦୀୟମାନ ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀକୁ ସହାୟତା ପ୍ରଦାନ କରିବ।

## ପରିସର-୧ ପାଠ୍ୟକ୍ରମ ଓ ସାମଗ୍ରୀ ପ୍ରସ୍ତୁତି

ବିଦ୍ୟାଳୟ ନେତୃତ୍ୱ ନିମନ୍ତେ ପାଠ୍ୟକ୍ରମ ଆଧାର ଏକ ସାମଗ୍ରୀକ ଏବଂ ନମନୀୟ ଦଲିଲ ଅଟେ ଯେଉଁଥିରେ ଏକ ବିଂଶ ଶତାବ୍ଦୀର ଆହ୍ୱାନ ଓ ବିଦ୍ୟାଳୟର ପ୍ରାସଙ୍ଗିତା ଭିତ୍ତିରେ ବିଦ୍ୟାଳୟ ନେତୃତ୍ୱର ଭୂମିକା ପ୍ରତିଫଳିତ ହୋଇଛି। ଏହି ପାଠ୍ୟକ୍ରମ ଆଧାରର ୭ଟି ମୁଖ୍ୟ ପ୍ରସଙ୍ଗରେ ବିଦ୍ୟାଳୟ ନେତୃତ୍ୱର ଧାରଣା ଏବଂ କାର୍ଯ୍ୟ ପରିସର ଉପରେ ପ୍ରସ୍ତୁତ କରାଯାଇଛି। ଜାତୀୟ ସ୍ତରରେ ଶିକ୍ଷାବିତ୍ ଏବଂ ଭାରତରେ ଏହି ବିଭାଗରେ ସକ୍ରିୟଭାବେ କାର୍ଯ୍ୟରତ ଶିକ୍ଷାକର୍ମୀଙ୍କ ସହିତ ବିଚାର ବିମର୍ଶ କରାଯାଇ ଏହି ଦଲିଲ ପ୍ରସ୍ତୁତ କରାଯାଇଛି। ଆଠଟି ରାଜ୍ୟର ରାଜ୍ୟ ସାଧନ ଗୋଷ୍ଠୀ ଏହାକୁ ଅନୁମୋଦନ କରିଛନ୍ତି ଏବଂ ତୃଣମୂଳସ୍ତରର ଆବଶ୍ୟକତା ଓ ବିଦ୍ୟାଳୟ ମୁଖ୍ୟଙ୍କର ବାସ୍ତବତାକୁ ଦୃଷ୍ଟିରେ ରଖି ଏହି ଦଲିଲକୁ ସରଳୀକୃତ କରାଯାଇଛି।

ଭାରତୀୟ ବିଦ୍ୟାଳୟ ପ୍ରଣାଳୀରେ ବିବିଧତାକୁ ସ୍ୱୀକାର କରି ଏହି ପାଠ୍ୟକ୍ରମ ଆଧାରକୁ ବିଭିନ୍ନ ରାଜ୍ୟର ଭିନ୍ନଭିନ୍ନ ପରିସ୍ଥିତି ସହ ଅନୁକୂଳନ କରାଯାଇ ପ୍ରସ୍ତୁତ କରାଯାଇଛି।

### ଉଦ୍ଦେଶ୍ୟ ସମୂହ

- ସାଂପ୍ରତିକ ଏବଂ ଆଗାମୀ ଦିନର ବିଦ୍ୟାଳୟ ମୁଖ୍ୟମାନଙ୍କ ପାଇଁ ପାଠ୍ୟକ୍ରମ, ଉତ୍ତମ ଭାବେ ପ୍ରସ୍ତୁତ ଆବଶ୍ୟକତା ଭିତ୍ତିକ କାର୍ଯ୍ୟକ୍ରମ ପ୍ରସ୍ତୁତି କରିବା।
- ବିଦ୍ୟାଳୟ ନେତୃତ୍ୱ ନିମନ୍ତେ ସାମଗ୍ରୀ ଏବଂ ସମ୍ବଳର ସଂଗ୍ରହାଳୟ ସୃଷ୍ଟି କରିବା।
- ବିଦ୍ୟାଳୟର ବିବିଧତା ପ୍ରସଙ୍ଗରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଏବଂ ସେଗୁଡ଼ିକୁ ବିଭିନ୍ନ ପରିସ୍ଥିତିରେ ବ୍ୟବହାର କରିବା ନିମନ୍ତେ ଉପଯୁକ୍ତ ପରିବର୍ତ୍ତନ କରିବା।

## ପରିସର-୨ ସାମର୍ଥ୍ୟ ବିକାଶ

ସାମର୍ଥ୍ୟ ବିକାଶ ପରିସର ମୁଖ୍ୟତଃ ବିଦ୍ୟାଳୟର ନେତୃତ୍ୱଧାରୀ ବ୍ୟକ୍ତିଙ୍କର ନେତୃତ୍ୱ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହା ନିର୍ଦ୍ଦିଷ୍ଟ ସମୟ ଭିତରେ ନେତୃତ୍ୱଧାରୀ ବ୍ୟକ୍ତିଙ୍କୁ ରାଜ୍ୟ, ଜିଲ୍ଲା, ବ୍ଲକ ଏବଂ ଅଞ୍ଚଳ ସ୍ତରୀୟ କାର୍ଯ୍ୟକ୍ରମରେ ବ୍ୟବସ୍ଥିତ ଭାବେ ନିୟୋଜିତ କରି ସେମାନଙ୍କର ସାମର୍ଥ୍ୟ ବିକାଶର ପରିକଳ୍ପନା କରିଥାଏ। ଏହି ପାଠ୍ୟକ୍ରମ ରୂପରେଖରେ ପ୍ରସ୍ତୁତ ମୁଖ୍ୟ ପରିସର ମଧ୍ୟରେ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମର ପ୍ରସ୍ତୁତି ଏବଂ ପ୍ରାସଙ୍ଗୀକରଣ କରାଯିବ ଯାହା ସହାୟକ ଓ ସୁବିଧାଜନକ ପରିବେଶରେ ଆବଶ୍ୟକତା- ଭିତ୍ତିକ କାର୍ଯ୍ୟକ୍ରମ ଦ୍ୱାରା ସଂପାଦନ କରାଯିବ। ଏହି କାର୍ଯ୍ୟକ୍ରମରେ ସେମାନଙ୍କୁ ପ୍ରକ୍ରିୟା ଭିତ୍ତିକ ସାମଗ୍ରୀ ଏବଂ କାର୍ଯ୍ୟାଭ୍ୟାସ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ ଏବଂ ସେଥିରୁ ସେମାନେ ଯେଉଁ ଜ୍ଞାନ ଓ କୌଶଳ ଆହରଣ କରିବେ ତାହାର ବ୍ୟାବହାରିକ ଉପଯୋଗ କରିବା ନିମନ୍ତେ ସକ୍ଷମ ହେବେ।

ଏହି କାର୍ଯ୍ୟକ୍ରମ ସାରା ଦେଶରେ ଲକ୍ଷ୍ୟ ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଆଧାରିତ ବହୁବିଧ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ମଡ୍ୟୁଲାର ପାଠ୍ୟକ୍ରମ ମାଧ୍ୟମରେ କାର୍ଯ୍ୟକାରୀ ହେବ। ବିଦ୍ୟାଳୟ ଉନ୍ନତିକରଣ

ପ୍ରକ୍ରିୟାକୁ କ୍ରମାଗତ ଭାବେ ଆଗେଇନେବା ପାଇଁ ବିଦ୍ୟାଳୟର ନେତୃତ୍ୱଧାରୀ ବ୍ୟକ୍ତିଙ୍କ ସାମର୍ଥ୍ୟର ବିକାଶ କରିବା ଏହାର ଉଦ୍ଦେଶ୍ୟ। ରାଜ୍ୟ ତଥା ଜିଲ୍ଲା ସ୍ତରର ସହାୟକ ହେଉଥିବା ବିକାଶ ନିମିତ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ ଅଧ୍ୟାପକ/ଶିକ୍ଷକମାନଙ୍କର ସାମର୍ଥ୍ୟ ବୃଦ୍ଧି ଏହାର ଲକ୍ଷ୍ୟ ଅଟେ।

## ଉଦ୍ଦେଶ୍ୟ ସମୂହ

- ବିଦ୍ୟାଳୟ ନେତୃତ୍ୱଧାରୀ ବ୍ୟକ୍ତିମାନଙ୍କ ବର୍ତ୍ତମାନର କାର୍ଯ୍ୟକାରୀ ପରିଚାଳକ ଭାବେ ନିଜର ସାଂପ୍ରତିକ ଭୂମିକା ସମ୍ବନ୍ଧରେ ସେମାନଙ୍କର ବୁଝାମଣାରେ ପରିବର୍ତ୍ତନ ଆଣି ସେମାନଙ୍କୁ ସକାରାତ୍ମକ ଏବଂ ଅଭିନବ ନେତୃତ୍ୱଧାରୀ ବ୍ୟକ୍ତି ହେବାରେ ସହାୟତା କରିବା।
- ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ଏହି ନେତୃତ୍ୱ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷଜ୍ଞ ଦଳ ପ୍ରସ୍ତୁତ କରିବା।
- ଶିକ୍ଷଣ ଶିକ୍ଷାଦାନ ପଦ୍ଧତି, ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶ ଏବଂ ବିଦ୍ୟାଳୟ ବ୍ୟବସ୍ଥାରେ ନୂତନତ୍ୱ ଆଣିବା ପାଇଁ ପ୍ରଧାନ ଶିକ୍ଷକ ମାନଙ୍କର ଦକ୍ଷତାର ବିକାଶ କରିବା।
- ବିଦ୍ୟାଳୟର ଗୁଣବତ୍ତା ବୃଦ୍ଧିରେ ଅବଦାନ କରିବା ପାଇଁ ସ୍ଥାନୀୟ ନେତୃତ୍ୱ (ବିଦ୍ୟାଳୟ ପରିଚାଳନା କମିଟି, ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି, ଗ୍ରାମ ଶିକ୍ଷା କମିଟି, ଅଭିଭାବକ ଶିକ୍ଷକ ସଂଘ, ମାତା ଓ ଶିକ୍ଷକ ସଂଘ) ଏବଂ ବ୍ୟବସ୍ଥାଗତ ନେତୃତ୍ୱର ସଶକ୍ତିକରଣ କରିବା।

କାର୍ଯ୍ୟକ୍ରମର ରୂପାୟନ କରିବା ଦାୟିତ୍ୱ ରାଜ୍ୟଉପରେ ନ୍ୟସ୍ତ କରାଯାଇଛି। ସେଥିପାଇଁ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱକେନ୍ଦ୍ର ରାଜ୍ୟଗୁଡ଼ିକୁ ଉପଯୁକ୍ତ ମାର୍ଗଦର୍ଶନ ଏବଂ ସହାୟତା ପ୍ରଦାନ କରିବ। ପ୍ରକ୍ରିୟା ଭିତ୍ତିକ ସାମଗ୍ରୀ ମାଧ୍ୟମରେ କାର୍ଯ୍ୟକ୍ରମ ସଂପାଦନ ଉପରେ ଗୁରୁତ୍ୱ ପ୍ରଦାନ କରାଯିବା ଯଦ୍ୱାରା ଅଂଶଗ୍ରହଣକାରୀମାନେ ପ୍ରଶିକ୍ଷଣରୁ ପ୍ରାପ୍ତ ଜ୍ଞାନ ଓ କୌଶଳକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାରେ ସମର୍ଥ ହେବେ। ପାଠ୍ୟକ୍ରମର ଢ଼ାଞ୍ଚା ଏବଂ ସାମଗ୍ରୀକୁ ପ୍ରାସଙ୍ଗୀକରଣ ଓ ବ୍ୟବହାର କରିବାପାଇଁ ବ୍ୟବସ୍ଥା ରହିବ। ପ୍ରତ୍ୟେକ ରାଜ୍ୟରୁ ଉଲ୍ଲେଖନୀୟ ନେତୃତ୍ୱ ସମ୍ବନ୍ଧୀୟ ଘଟଣାଗୁଡ଼ିକର ଅଧ୍ୟୟନ ସଂଗ୍ରହ କରାଯିବ ଏବଂ ରାଜ୍ୟଦ୍ୱାରା ବିବେଚିତ ଜିଲ୍ଲା, ଅଞ୍ଚଳ ଓ ସ୍ଥାନରେ ଦକ୍ଷତା ବିକାଶ ପ୍ରଶିକ୍ଷଣରେ ଏଗୁଡ଼ିକୁ ସାମଗ୍ରୀ ରୂପେ ବ୍ୟବହାର କରାଯିବ।

ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ ବିଦ୍ୟାଳୟ ନେତୃତ୍ୱ ବିକାଶର ବ୍ୟାପକ ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବା ସଂଗେସଂଗେ ରାଜ୍ୟ ସାଧନ ଗୋଷ୍ଠୀରୁ ବିବେଚିତ ସାଧନକର୍ମୀ ଓ ବିଶେଷଜ୍ଞ ଦଳ କାର୍ଯ୍ୟକ୍ଷେତ୍ରରେ ପ୍ରଧାନଶିକ୍ଷକଙ୍କୁ ତାଲିମ ଏବଂ ସହାୟତା କରିବାରେ ଅଗ୍ରଣୀ ହେବେ।

## ପରିସର ୩: ଯୋଗାଯୋଗ ସ୍ଥାପନ ଏବଂ ଆନୁଷ୍ଠାନିକ ସଂଗଠନ

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ଦେଶର ସମସ୍ତ ରାଜ୍ୟର ପ୍ରତ୍ୟେକ ପିଲା ପାଇଁ ଗୁଣାତ୍ମକ ଶିକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଅନୁଷ୍ଠାନ ଏବଂ ପ୍ରତ୍ୟେକ ରାଜ୍ୟର ବୃତ୍ତିଧାରୀ ଏବଂ ବ୍ୟକ୍ତିଗତ ଭାବେ ବିଶେଷଜ୍ଞମାନଙ୍କ ମାଧ୍ୟମରେ ରାଜ୍ୟମାନଙ୍କ ସହିତ ଦୀର୍ଘକାଳୀନ ସଂପର୍କ ସ୍ଥାପନ କରିବାର ପରିକଳ୍ପନା କରିଛି। ଏଥିପାଇଁ ପ୍ରତ୍ୟେକ ବିଦ୍ୟାଳୟ ବିଦ୍ୟାଳୟ ନେତୃତ୍ୱର ଏକ ରୂପାନ୍ତରଣ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ବହନ କରିବେ। ଏହିକ୍ରମରେ ବିଦ୍ୟାଳୟ ନେତୃତ୍ୱ ଉପରେ ପ୍ରଥମରୁ କାର୍ଯ୍ୟରତ କିମ୍ୱା କାର୍ଯ୍ୟ କରିବାର ଇଚ୍ଛା ରଖିଥିବା ସରକାରୀ ଏବଂ ବେସରକାରୀ ଉଭୟ ପ୍ରକାରର ବୃତ୍ତିଗତ ସଂସ୍ଥାଗୁଡ଼ିକ ସହ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର କାର୍ଯ୍ୟକ୍ରମରେ ସହଭାଗିତା ସ୍ଥାପନ କରିବା ସହିତ ସମ୍ୱଳ ଅନୁଷ୍ଠାନ ଏବଂ ରାଜ୍ୟ, ଜିଲ୍ଲା, ବ୍ଲକ ତଥା ଅଂଚଳ ସ୍ତରର ଅଧିକାରୀଙ୍କୁ ସଂଗଠିତ କରାଯିବ। ଫଳରେ ବିଦ୍ୟାଳୟ ନେତୃତ୍ୱ ବିକାଶ ଅନୁଷ୍ଠାନଗୁଡ଼ିକ ଶୃଙ୍ଖଳିତ ଭାବେ ସାମର୍ଥ୍ୟ ବିକାଶ ଦିଗରେ ଅଗ୍ରସର ହେବେ।

ପ୍ରତ୍ୟେକ ରାଜ୍ୟରେ ବଛାଯାଇଥିବା କେତୋଟି ଜିଲ୍ଲାରେ ଥିବା ମୁଖ୍ୟ ସଂସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ସଂସ୍ଥାକୁ ନୋଡ଼ାଲ ସଂସ୍ଥା ରୂପେ ଚିହ୍ନଟ କରାଯିବ ଏବଂ ସେଠାରେ ରାଜ୍ୟ ସାଧନଗୋଷ୍ଠୀ କାର୍ଯ୍ୟ ପରିଚାଳନା କରିବା ପାଇଁ କେନ୍ଦ୍ର ପରିକଳ୍ପନା କରିଛି। ଏହା ମଧ୍ୟ ପରିକଳ୍ପନା କରାଯାଇଛି ଯେ ରାଜ୍ୟସ୍ତରରେ ଅନ୍ୟ ପ୍ରମୁଖ ସଂସ୍ଥାଗୁଡ଼ିକ ସହ ନୋଡ଼ାଲ ସଂସ୍ଥାକୁ ନେତୃତ୍ୱ ଏକାଡ଼େମୀ ରୂପେ ରୂପାନ୍ତରଣ କରାଯିବ। ନେତୃତ୍ୱ ଏକାଡେମୀ ରାଷ୍ଟ୍ରୀୟ କେନ୍ଦ୍ରର ବିସ୍ତାରିତ ଅଙ୍ଗ ରୂପରେ କାର୍ଯ୍ୟ କରିବ। ନେତୃତ୍ୱ ଏକାଡ଼େମୀ କାର୍ଯ୍ୟକ୍ରମର ଆବଶ୍ୟକତା ଏବଂ ଉଚିତ ସଂସ୍ଥାମାନଙ୍କ ଉପଲବ୍ଧି ଅନୁସାରେ ଜିଲ୍ଲା ଏବଂ ବ୍ଲକ ସ୍ତରରେ ସଂସ୍ଥାମାନଙ୍କ ନେଟୱାର୍କ ଦ୍ୱାରା ସିଧା କାର୍ଯ୍ୟ କରିବ। ଏଥିପାଇଁ ପ୍ରତ୍ୟେକ ରାଜ୍ୟରେ ନେତୃତ୍ୱ ଏକାଡ଼େମୀ ଏବଂ ରାଜ୍ୟ ସାଧନ ଦଳଗଠନ କରିବାର ପ୍ରସ୍ତାବ ରଖାଯାଇଛି।

### ଉଦ୍ଦେଶ୍ୟ ସମୂହ

- ରାଜ୍ୟ ସରକାରଙ୍କ ପରାମର୍ଶରେ ନେତୃତ୍ୱ ଏକାଡ଼େମୀ ସ୍ଥାପନା କରିବା ଏବଂ ଏନ୍ ସି ଏସ୍ ଏଲ୍ ଏବଂ ନେତୃତ୍ୱ ଏକାଡ଼େମୀ ମଧ୍ୟରେ ସହଯୋଗିତାର ବିକାଶ କରିବା।
- ବିଦ୍ୟାଳୟ ନେତୃତ୍ୱଧାରୀ ବ୍ୟକ୍ତି ଏବଂ ଅଞ୍ଚଳ, ବ୍ଲକ ତଥା ଜିଲ୍ଲା ସ୍ତରରେ  କାର୍ଯ୍ୟରତ ତୃଣମୂଳସ୍ତରରେ ପ୍ରଶାସକ ସିଆରପି (CRPs), ବିଆରପି (BRPs), ଡ଼ିଇଓ (DEOs) ସହ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅନ୍ୟାନ୍ୟ ଗୋଷ୍ଠୀ ସଦସ୍ୟ ମାନଙ୍କ ମଧ୍ୟରେ ସଂପର୍କ ସ୍ଥାପନ କରିବା।
- ଦେଶରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ଫଳପ୍ରଦ ରୂପାୟନ ନିମନ୍ତେ ସାମୂହିକ ଶିକ୍ଷଣ ଅଭିଜ୍ଞତା ହାସଲ କରିବା ଉଦ୍ଦେଶ୍ୟରେ ଜିଲ୍ଲା, ରାଜ୍ୟ ଏବଂ ଅଞ୍ଚଳମାନଙ୍କରେ ବିଦ୍ୟାଳୟ ମୁଖ୍ୟମାନଙ୍କର ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ ସୃଷ୍ଟି କରିବା।

ଯୋଗାଯୋଗ ସ୍ଥାପନା (Networking) ଏବଂ ନେତୃତ୍ୱ ଏକାଡ଼େମୀ ପ୍ରତିଷ୍ଠା ନିମିତ୍ତ ରାଜ୍ୟ ସରକାର ତଥା ଅନ୍ୟ ସଂସ୍ଥାମାନଙ୍କ ସହ ଆଲୋଚନା ଆରମ୍ଭ କରିବାରେ ଏନ୍‌ସିଏସ୍‌ଏଲ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରାଜ୍ୟର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଥିବା ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ନେତୃତ୍ୱ ଏକାଡ଼େମୀ ସ୍ଥାପନ କରାଯିବ। ଏହି ଏକାଡ଼େମୀଗୁଡ଼ିକ ରାଜ୍ୟସରକାରଙ୍କର ଶିକ୍ଷା ବିଭାଗ ଏବଂ ରାଜ୍ୟ ଗୋଷ୍ଠୀ ସହ ଘନିଷ୍ଠ ସହଭାଗିଭାବେ କାର୍ଯ୍ୟ କରିବ। ନେତୃତ୍ୱ ଏକାଡ଼େମୀକୁ ଏହାର ନିଜ ସଦସ୍ୟ କିମ୍ବା ସ୍ଥାନୀୟ ବିଶେଷଜ୍ଞ / ପ୍ରଧାନଶିକ୍ଷକ / ସ୍ୱୟଂସେବକ / ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ କିମ୍ବା ଗୋଷ୍ଠୀ ସଦସ୍ୟ ସାହାଯ୍ୟ କରିବେ ଯେଉଁମାନେ ନିରନ୍ତର ଭାବେ ବୃତ୍ତିଗତ ଭାବର ଆଦାନ ପ୍ରଦାନ କରିବାରେ ନିୟୋଜିତ ହୋଇ ବିଦ୍ୟାଳୟର ଉନ୍ନତି କରିବେ। ଏହି ବୃତ୍ତିଗତ ଗୋଷ୍ଠୀ ପରସ୍ପର ମଧ୍ୟରେ ନେଟ୍‌ୱାର୍କ ମାଧ୍ୟମରେ ଯୋଗାଯୋଗ ସ୍ଥାପନ କରି ଅଞ୍ଚଳ, ବ୍ଲକ ଓ ଜିଲ୍ଲାସ୍ତରର ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ (ପିଏଲ୍‌ସି) ସୃଷ୍ଟି କରିବେ ଯାହା ମାଧ୍ୟମରେ ଅନୁଭୂତି ବଣ୍ଟନ, ଉତ୍ତମ ଅଭ୍ୟାସ ଏବଂ ପାରସ୍ପରିକ ଶିକ୍ଷଣ ହୋଇପାରିବ।

ପରବର୍ତ୍ତୀ ସମୟରେ ବୃତ୍ତିଗତ ଶିକ୍ଷଣ ଗୋଷ୍ଠୀ ସହ ଜିଲ୍ଲା, ରାଜ୍ୟ ଏବଂ ଆଞ୍ଚଳିକ ସ୍ତର ଏବଂ କେନ୍ଦ୍ର ସ୍ତରର ମଧ୍ୟ ଯଥାସମ୍ଭବ ନେଟ୍‌ୱାର୍କ ସ୍ଥାପନ କରିବାର ଯୋଜନା ଅଛି।

## ପରିସର-୪ ଗବେଷଣା ଏବଂ ବିକାଶ

ବିଦ୍ୟାଳୟ ନେତୃତ୍ୱ କ୍ଷେତ୍ରରେ ଉପଲବ୍ଧ ଜ୍ଞାନ ସଂପର୍କରେ ବୁଝାମଣାକୁ ଅଧିକ ଗଭୀର କରିବା ସହିତ ସେହି କ୍ଷେତ୍ରରେ ନୂତନ ଜ୍ଞାନ ସୃଷ୍ଟି କରିବାରେ ଗବେଷଣା ଏବଂ ବିକାଶର ଆବଶ୍ୟକତା ରହିଛି। ଏହାଦ୍ୱାରା ପାଠ୍ୟକ୍ରମର ବିକାଶ ଏବଂ ବିଦ୍ୟାଳୟ-ଭିତ୍ତିକ ପରିବର୍ତ୍ତନ ପାଇଁ ଉପଯୁକ୍ତ ତଥ୍ୟ ମିଳିପାରିବ। ଗବେଷଣା ଓ ବିକାଶର ଆବଶ୍ୟକତା ରହିଛି। କେନ୍ଦ୍ର ଗବେଷଣା କରିବା ପାଇଁ ଅନ୍ୟ ସଂସ୍ଥା ଏବଂ ଗବେଷଣା ଅନୁଷ୍ଠାନ ଗୁଡ଼ିକ ସହ ସହଯୋଗ ସ୍ଥାପନ କରିବା ସହିତ ସ୍ୱାଧୀନ ଭାବେ ଗବେଷଣା କରୁଥିବ। ବିଶେଷଜ୍ଞ ସହ ସଂପର୍କ ରକ୍ଷାକରି ସହଭାଗୀ ଗବେଷଣା କରିପାରିବେ।

### ଉଦ୍ଦେଶ୍ୟ ସମୂହ

- ସର୍ବୋତ୍କୃଷ୍ଟ ନେତୃତ୍ୱ କାର୍ଯ୍ୟାବଳୀ ସଂଗ୍ରହ, ବିବରଣୀ ପ୍ରସ୍ତୁତି ଏବଂ ସେଗୁଡ଼ିକର ପ୍ରସାର କରିବା।
- ଭାରତୀୟ ପରିସ୍ଥିତିରେ ବିଦ୍ୟାଳୟ ନେତୃତ୍ୱ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନ ସୃଷ୍ଟି କରିବାରେ ଯୋଗଦାନ କରିବା।

ପାଠ୍ୟକ୍ରମ ଆଧାର ଏବଂ କାର୍ଯ୍ୟକ୍ରମ ପରିଚାଳନା ନିମିତ୍ତ ଏକ ସହାୟକ ପୁସ୍ତିକାଦ୍ୱାରା ସମଗ୍ର ବିଦ୍ୟାଳୟ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ମାର୍ଗଦର୍ଶିତ ହେବ। ପରବର୍ତ୍ତୀ ଭାଗରେ ପାଠ୍ୟକ୍ରମ ଆଧାର ବିଶଦ ଭାବେ ପ୍ରଦତ୍ତ କରାଯାଇଛି।

# ବିଦ୍ୟାଳୟ ନେତୃତ୍ୱ ବିକାଶ ନିମନ୍ତେ ପାଠ୍ୟକ୍ରମ ଆଧାର

ରାଷ୍ଟ୍ରୀୟ କେନ୍ଦ୍ର ନିଜର ଏକ ମୁଖ୍ୟ କାର୍ଯ୍ୟ ସ୍ୱରୂପ ବିଦ୍ୟାଳୟ ନେତୃତ୍ୱ ବିକାଶ ନିମନ୍ତେ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ କରିଛି । ପାଠ୍ୟକ୍ରମ ଦ୍ୱାରା ନେତୃତ୍ୱଧାରୀ ବ୍ୟକ୍ତିଭାବେ ସେହି ମାନଙ୍କୁ ଚିହ୍ନଟ କରାଯାଏ ଯେଉଁମାନେ ବିଦ୍ୟାଳୟ ରୂପାନ୍ତରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଏହିପରି ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟ ନେତୃତ୍ୱଧାରୀଙ୍କୁ ଜ୍ଞାନ ଓ କୌଶଳରେ ଏବଂ ଆତ୍ମ ବିଶ୍ୱାସରେ ସଶକ୍ତ କରି ଦାୟିତ୍ୱ ଦେବା ଏବଂ ପ୍ରତ୍ୟେକ ସମସ୍ୟାକୁ ଆହ୍ୱାନ ରୂପରେ ସ୍ୱୀକାର କରିବା ସହିତ "ମୁଁ ପାରିବି ଏବଂ ନିଶ୍ଚିତ ପାରିବି" ମନୋଭାବରୁ "ଆମେ ପାରିବୁ ଏବଂ ନିଶ୍ଚୟ ପାରିବୁ" ମନୋଭାବ ପର୍ଯ୍ୟନ୍ତ ଆଗେଇନେବା । ଏହା 'ପ୍ରତ୍ୟେକ ପିଲା ଶିଖିବ' ଏବଂ ପ୍ରତ୍ୟେକ ବିଦ୍ୟାଳୟ ଉତ୍କର୍ଷ ସ୍ତରକୁ ଯିବା ଧାରଣାକୁ ନିଶ୍ଚିତ କରିବ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ମୁଖ୍ୟ ନିଜ ଉପରେ ବିଶ୍ୱାସ ରଖିପାରିବେ, ନିଜସ୍ୱ ବ୍ୟକ୍ତିଗତ ଏବଂ ବୃତ୍ତିଗତ କୌଶଳରେ ଉନ୍ନତି ଆଣିବେ ଓ ସେମାନଙ୍କର ଶିକ୍ଷଣ-ଶିକ୍ଷାଦାନ ପଦ୍ଧତିରେ ଉନ୍ନତି ଆଣିବେ ଯାହା ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଭାବିତ କରିବ । ସେମାନେ ଶିଶୁ ଅଧିକାର ସଂପର୍କରେ ସଚେତନ ହେବେ ଏବଂ ଉପଭୋକ୍ତାମାନଙ୍କ ସହିତ ଫଳପ୍ରଦ ସହଭାଗିତା ସୃଷ୍ଟି କରିବେ । ଏହି ଲକ୍ଷ୍ୟନେଇ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ପାଠ୍ୟକ୍ରମ ପ୍ରସ୍ତୁତି କରିଛି ।

## ବ୍ୟାପକ ଲକ୍ଷ୍ୟ

ଶିକ୍ଷାର୍ଥୀ ଏବଂ ବିକାଶକୁ ଉନ୍ନତ କରିବା ଉପରେ ଧ୍ୟାନ ଦେଇ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କରିବାରେ ବିଦ୍ୟାଳୟ ମୁଖ୍ୟମାନଙ୍କୁ ସକ୍ଷମ କରିବା ।

## ମାର୍ଗଦର୍ଶୀ ନୀତି ସମୂହ

ପାଠ୍ୟକ୍ରମ ଆଧାର ଏହି ବିଶ୍ୱାସ ଉପରେ ଭିତ୍ତିକରି ପ୍ରସ୍ତୁତ କରାଯାଇଛି ଯେ ସମସ୍ତ ବିଦ୍ୟାଳୟର ମୁଖ୍ୟଙ୍କର ଆଗକୁ ବଢ଼ିବା ଏବଂ ନିଜ ବୃତ୍ତିରେ ଉତ୍କର୍ଷତା ହାସଲ କରିବାର ଇଚ୍ଛା ଥାଏ । ବୟସ୍କମାନେ ଅଲଗା ଉପାୟରେ ଶିଖିଥାନ୍ତି । ସେମାନଙ୍କୁ ଯୋଗାଇ ଦିଆଯାଇଥିବା ସାମଗ୍ରୀ ଉପଯୁକ୍ତ ଏବଂ ସରଳ ଭାବରେ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ କରିଯିବା ଆବଶ୍ୟକ ଯାହାକୁ ବିଦ୍ୟାଳୟର ମୁଖ୍ୟ ନିଜସ୍ୱ ଢ଼ଙ୍ଗରେ ଏବଂ ସୁବିଧାରେ ବ୍ୟବହାର କରିପାରିବେ । ଯଦିଓ ପାଠ୍ୟକ୍ରମ ରୂପରେଖ ତାତ୍ତ୍ୱିକ ନିୟମ ଆଧାରରେ ପ୍ରସ୍ତୁତ କରାଯାଇଛି, ମାତ୍ର ଏହାର ବିଷୟବସ୍ତୁ ଓ ପ୍ରକ୍ରିୟା ବିଦ୍ୟାଳୟ ନେତୃତ୍ୱ ସଂପର୍କିତ କାର୍ଯ୍ୟକଳାପ ସହିତ ଜଡ଼ିତ ଅଟେ । ଏହି ପାଠ୍ୟକ୍ରମ ବିଦ୍ୟାଳୟ ମୁଖ୍ୟଙ୍କର ବିଦ୍ୟାଳୟ ପ୍ରଶାସକ, ଗୋଷ୍ଠୀ ଓ ଶିକ୍ଷକମାନଙ୍କ ସହ ପାରସ୍ପରିକ ବୁଝାମଣା ଉପରେ ପ୍ରସ୍ତୁତ କରାଯାଇଛି ଯାହା ସକ୍ରିୟ ଏବଂ ନିରନ୍ତର ଭାବେ ବିକାଶଶୀଳ ଅଟେ ।

## ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନ

ଏହି ରୂପରେଖ ବିଦ୍ୟାଳୟ ମୁଖ୍ୟଙ୍କ କ୍ଷମତାର ବିକାଶ ନିମନ୍ତେ ଅଂଶଗ୍ରହଣକାରୀ ପନ୍ଥା ଉପରେ ପ୍ରତିଷ୍ଠିତ ହୋଇଅଛି । ପାଠ୍ୟକ୍ରମର ରୂପାୟନ ନିମନ୍ତେ ପଦ୍ଧତି ଏବଂ ପନ୍ଥା ଅଭିଜ୍ଞତାଭିତ୍ତିକ ଶିକ୍ଷଣ, ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ, ନିର୍ଣ୍ଣାୟକ ପ୍ରତିଫଳନ ଏବଂ କ୍ଷେତ୍ରୀୟସ୍ତରର କାର୍ଯ୍ୟାବଳୀ ଉପରେ ଆଧାରିତ ହେବ । ଏହି ପାଠ୍ୟକ୍ରମ ବିଦ୍ୟାଳୟର ନେତୃତ୍ୱଧାରୀ ବ୍ୟକ୍ତି ଏବଂ ସହାୟତା ପ୍ରଦାନକାରୀ ବ୍ୟକ୍ତିଙ୍କଠାରୁ ନିରବଚ୍ଛିନ୍ନ ଭାବେ ପରିମାର୍ଜନ, ସମୟାନୁସାର ପରିବର୍ତ୍ତନ ଏବଂ ବାସ୍ତବ ଅନୁଭୂତି ସହିତ ଜଡ଼ିତ ହୋଇ ରହିବା ପାଇଁ ଆଶା କରିଥାଏ ।

# ମୁଖ୍ୟ ବିଭାଗ (Key Areas)

ପାଠ୍ୟକ୍ରମ ଆଧାରରେ ଭିନ୍ନଭିନ୍ନ ଧାରଣା ଉପରେ ପର୍ଯ୍ୟବସିତ ସାତଟି ବିଭାଗ ଅଛି । ଏହି ବିଭାଗଗୁଡ଼ିକ ପ୍ରାରମ୍ଭିକ ବିଦ୍ୟାଳୟଗୁଡ଼ିକରେ ନେତୃତ୍ୱର ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଉଦ୍ଦିଷ୍ଟ । ଏହି ବିଭାଗଗୁଡ଼ିକର ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଗୁଡିକ ସ୍ପଷ୍ଟଭାବେ ବର୍ଣ୍ଣନା କରାଯାଇଛି ଯାହାକି ବିଦ୍ୟାଳୟରେ ପରିବର୍ତ୍ତନ ଆଣିବା ନିମନ୍ତେ ଏବଂ ବିଦ୍ୟାଳୟ ନେତୃତ୍ୱଧାରୀ ବ୍ୟକ୍ତିଙ୍କର ବୃତ୍ତିଗତ ବିକାଶ ନିମନ୍ତେ ଅତ୍ୟାବଶ୍ୟକ ଅଟେ ।



ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ବିଦ୍ୟାଳୟର ରୂପାନ୍ତରଣ ଏବଂ ବିଦ୍ୟାଳୟ ମୁଖ୍ୟଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକାର ସାମଗ୍ରୀକ ଦୃଷ୍ଟିକୋଣକୁ ଧ୍ୟାନରେ ରଖି ସାତଟି ମୁଖ୍ୟ ବିଭାଗ ପରସ୍ପର ସହିତ ସମ୍ବନ୍ଧିତ। ପାଠ୍ୟକ୍ରମ ଆଧାର ବିଦ୍ୟାଳୟକୁ ଏକ ଶିକ୍ଷଣ ସଂଗଠନ ଭାବେ ବିଚାର କରେ ଯାହା ସକ୍ରିୟଭାବେ ପିଲାଙ୍କର ଶିକ୍ଷଣର ଯତ୍ନନିଏ ଏବଂ ସେମାନଙ୍କର ସାମଗ୍ରୀକ ବୃଦ୍ଧି ଓ ବିକାଶ ପାଇଁ ସହାୟତା ପ୍ରଦାନ କରେ। ପାଠ୍ୟକ୍ରମ ବିଦ୍ୟାଳୟ ମୁଖ୍ୟଙ୍କ ମଧ୍ୟରେ ସକାରାତ୍ମକ ଆତ୍ମପ୍ରତ୍ୟୟ ସୃଷ୍ଟିକରେ ଏବଂ ସମାନତା ଓ ଭେଦଭାବ ବିହୀନ ମୂଲ୍ୟବୋଧ କୁ ପାଥେୟ କରି ଏକ ପ୍ରଭାବଶାଳୀ କର୍ମକର୍ତ୍ତା ହେବାପାଇଁ ପ୍ରେତ୍ସାହିତ କରେ।

ଭାରତରେ ବିଦ୍ୟାଳୟମାନଙ୍କର ପ୍ରାସଙ୍ଗିକତାର ବିବିଧତାକୁ ସ୍ୱୀକାର କରି ଏହି ରୂପରେଖ ବିଦ୍ୟାଳୟଗୁଡ଼ିକୁ ଉନ୍ନତି କରିବା ପାଇଁ ସୁଯୋଗ ପ୍ରଦାନ କରିଥାଏ ଏବଂ ସ୍ୱତନ୍ତ୍ର ଆବଶ୍ୟକତା ଥିବା ଅଂଚଳଗୁଡ଼ିକର ବିଦ୍ୟାଳୟ ଯଥା- ପାର୍ବତୀୟ, ମରୁଭୂମି ଏବଂ ଜନଜାତି ଅଞ୍ଚଳ, ପ୍ରବଳ ବର୍ଷାଦ୍ୱାରା ପ୍ରଭାବିତ ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳ, ସାମାଜିକ ସଂଘର୍ଷ ଯୁକ୍ତ ଅଞ୍ଚଳ ଅଥବା ପ୍ରାକୃତିକ ବା ମାନବକୃତ ସମସ୍ୟାରେ ପ୍ରଭାବିତ ଅଞ୍ଚଳଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାସବୁକୁ ବୁଝିଥାଏ ଏବଂ ତାହାର ସମାଧାନ କରିଥାଏ। କ୍ଷୁଦ୍ର ଏବଂ ବହୁଶ୍ରେଣୀ ବିଦ୍ୟାଳୟଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକ ଉପରେ ମଧ୍ୟ ସମାନ ଭାବରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ମୁଖ୍ୟ ବିଭାଗ-୧ ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ଦୃଷ୍ଟିକୋଣ

ଏହି ବିଭାଗ ନେତୃତ୍ୱକୁ ବୁଝିବା ସହିତ ଏହାର ବିଦ୍ୟାଳୟ ପରିବର୍ତ୍ତନ ଉପରେ ପଡୁଥିବା ପ୍ରଭାବର ବୁଝିବା ଶକ୍ତିକୁ ବିକଶିତ କରିବାକୁ ଚେଷ୍ଟାକରେ। ଏହା ବିଦ୍ୟାଳୟକୁ ଶିକ୍ଷଣ ସଂଗଠନ ହିସାବରେ ବୁଝିବାରେ ପ୍ରୟାସ ଜାରି ରଖେ ଓ ଯାହାକୁ ପିଲାମାନଙ୍କର ବୃଦ୍ଧି ଓ ବିକାଶର ସ୍ଥାନ ରୂପେ ଧରାଯାଏ ତଥା ନିରନ୍ତର ପରୀକ୍ଷଣ ଏବଂ ପରିବର୍ତ୍ତନ ପାଇଁ କାର୍ଯ୍ୟ କରିଥାଏ। ଏହା ବିଦ୍ୟାଳୟ ରୂପାନ୍ତରଣ ପାଇଁ ଏକ ଦୃଷ୍ଟିଭଙ୍ଗୀ ପ୍ରସ୍ତୁତ କରିବା ଉପରେ କେନ୍ଦ୍ରୀଭୂତ।

### ଉଦ୍ଦେଶ୍ୟ

- ବିଦ୍ୟାଳୟ ନେତୃତ୍ୱକୁ ବୁଝିବା ଏବଂ ପରିବର୍ତ୍ତନ ତଥା ଉନ୍ନତି ପାଇଁ ଦୃଷ୍ଟିକୋଣ ପ୍ରସ୍ତୁତ କରିବା।

### ଏକକ-୧ : ଏକ ଶିକ୍ଷଣ ସଂଗଠନ ରୂପରେ ବିଦ୍ୟାଳୟ

- ଏକ ସାମାଜିକ ସଂସ୍ଥା ରୂପରେ ବିଦ୍ୟାଳୟ
- ଏକ ସଂଗଠନ ରୂପରେ ବିଦ୍ୟାଳୟର ଗତିଶୀଳ ସ୍ୱଭାବ
- ବିଦ୍ୟାଳୟରେ ପାରସ୍ପରିକ ଆଦାନ ପ୍ରଦାନ ପ୍ରକ୍ରିୟା
- ଶିକ୍ଷଣ ଏବଂ ବିକାଶର କ୍ଷେତ୍ର ରୂପରେ ବିଦ୍ୟାଳୟ

### ଏକକ-୨ : ବିଦ୍ୟାଳୟ ନେତୃତ୍ୱ : ବହୁମୁଖୀ ଭୂମିକା ତଥା ପରିଚୟ

- ଏକ ଦୂରଦର୍ଶୀ ରୂପରେ ନେତୃତ୍ୱଧାରୀ ବ୍ୟକ୍ତି
- ପରିବର୍ତ୍ତନର ପ୍ରବର୍ତ୍ତକ ରୂପରେ ନେତୃତ୍ୱଧାରୀ ବ୍ୟକ୍ତି
- ପ୍ରେରଣାଦାୟୀ, ଦୃଢ଼ ପ୍ରତିଜ୍ଞ, ଜନକୈନ୍ଦ୍ରିକ ଏବଂ ଜୀବନବ୍ୟାପୀ ଶିକ୍ଷାର୍ଥୀ ରୂପରେ ନେତୃତ୍ୱଧାରୀ ବ୍ୟକ୍ତି।
- ଏକ ଚିନ୍ତନଶୀଳ କର୍ମକର୍ତ୍ତା ରୂପରେ ନେତୃତ୍ୱଧାରୀ ବ୍ୟକ୍ତି।
- ବିଦ୍ୟାଳୟର ଫଳପ୍ରଦତା ବଢାଇବାରେ ନେତୃତ୍ୱର ମହତ୍ତ୍ୱ।

### ଏକକ-୩- ବିଦ୍ୟାଳୟ ଦୃଷ୍ଟିକୋଣର ପ୍ରସ୍ତୁତି

- ବିଦ୍ୟାଳୟ ରୂପାନ୍ତରଣ ପାଇଁ ଦୃଷ୍ଟିକୋଣ
- ପ୍ରାସଙ୍ଗିକତା ଏବଂ ଅସୁବିଧାଗୁଡ଼ିକୁ ବୁଝିବା ତଥା ଆକଳନ କରିବା।
- ବିଦ୍ୟାଳୟ ବିକାଶ ଯୋଜନା ମାଧ୍ୟମରେ ଦୃଷ୍ଟିକୋଣକୁ ରୂପାନ୍ତରଣ।
- ପର୍ଯ୍ୟାୟକ୍ରମେ ସମୀକ୍ଷା ଏବଂ ପୁନଃ ସଂଶୋଧନ ମାଧ୍ୟମରେ ପରିବର୍ତ୍ତନର ଧାରା ନିଶ୍ଚିତ କରିବା।

### ଏକକ ୪– ରୂପାନ୍ତରଣକୁ ବୁଝିବା

- ବିଦ୍ୟାଳୟ ରୂପାନ୍ତରଣ ପାଇଁ ମାର୍ଗଦର୍ଶୀ ନୀତି : ଅନ୍ତର୍ନିବେଶ, ସମତା ଏବଂ ଗୁଣବତ୍ତା
- ସମୁଚ୍ଚୟ ଭାବରେ ବିଦ୍ୟାଳୟ: ବିଦ୍ୟାଳୟର ପରିବର୍ତ୍ତନ ପାଇଁ ଧାରଣା, ସାମର୍ଥ୍ୟ ଏବଂ ଲକ୍ଷ୍ୟ
- ନିଜର ରୂପାନ୍ତରଣର ପ୍ରବର୍ତ୍ତକ : ମନୋବୃତ୍ତି ଏବଂ କାର୍ଯ୍ୟାବଳୀ, ଚିନ୍ତନ ଏବଂ ପ୍ରତିଫଳନ ଏବଂ ପିତାମାତା, ଶିକ୍ଷକ ଓ ଗୋଷ୍ଠୀ ସହିତ ନିୟୋଜନ;
- ପରିବର୍ତ୍ତନର ପରିଚାଳନା : ସମ୍ମୁଖୀନ ହେଉଥିବା ପ୍ରତିରୋଧ ଏବଂ ସୁଯୋଗ ସୃଷ୍ଟି।

### ଏକକ ୫– ପ୍ରଥମେ ପିଲାମାନେ

- ଶୈଶବକୁ ବୁଝିବା
- ପିଲାଟିର ସାମଗ୍ରୀକ ବିକାଶ।
- ବିଦ୍ୟାଳୟରେ ପିଲାର ଅଧିକାର
- ସମାନତା, ଛୁଆଁ-ଅଛୁଆଁ ଭେଦଭାବଠାରୁ ଦୂରେଇ ରହିବା ଏବଂ ସମସ୍ତଙ୍କୁ ସମ୍ମାନ ଦେବାର ଅଭ୍ୟାସ।
- ଏକ ନିରାପଦ ଏବଂ ବିପଦମୁକ୍ତ ସ୍ଥାନ ରୂପରେ ବିଦ୍ୟାଳୟ।

### ଏକକ-୬: କାର୍ଯ୍ୟ ଭାବଧାରାର ରୂପାନ୍ତରଣ କରିବା

- ଲକ୍ଷ୍ୟକୁ ଧ୍ୟାନରେ ରଖି ସେହି ଦିଗରେ ଅଗ୍ରଗତି କରିବା।
- ବିହୁବିଧ ଦୃଷ୍ଟିଭଙ୍ଗୀ ସ୍ୱୀକାର କରିବା ଏବଂ ସେସବୁ ସହ ନିଜକୁ ଖାପ ଖୁଆଇବା।
- ଅର୍ଥପୂର୍ଣ୍ଣ ପାରସ୍ପରିକ ଆଲୋଚନା ପାଇଁ ପନ୍ଥାଗୁଡ଼ିକୁ ବାଛିବା।
- ପରିବର୍ତ୍ତନ ଏବଂ ସୁଧାର ପାଇଁ ପ୍ରସ୍ତୁତ ରହିବା।
- ସହଭାଗୀ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା।

## ମୁଖ୍ୟ ବିଭାଗ-୨ : ଆତ୍ମ ବିକାଶ

ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନିଜର ସାମର୍ଥ୍ୟ, ମନୋବୃତ୍ତି ଏବଂ ମୂଲ୍ୟବୋଧ ପ୍ରତି ଏକ ସକରାତ୍ମକ ଆତ୍ମ ପ୍ରତ୍ୟୟ ସୃଷ୍ଟି କରିବା; ଚିନ୍ତନଶୀଳ ପାରସ୍ପରିକ ଆଲୋଚନା ମାଧ୍ୟମରେ ଆତ୍ମ ବିକାଶ ଏବଂ ଏହା ସହ ନିଜର ଏବଂ ଅନ୍ୟମାନଙ୍କର ଉପଯୁକ୍ତ ଶିକ୍ଷଣ ତଥା ବିକାଶ ପାଇଁ ସୁଯୋଗ ଏବଂ ପରିସର ସୃଷ୍ଟି କରିବା।

### ଉଦ୍ଦେଶ୍ୟ

- ନିଜକୁ ବୁଝିବା ଏବଂ ଏହାର ବିଦ୍ୟାଳୟ ଓ ଅନ୍ୟମାନଙ୍କ ସହିତ ସଂପର୍କ ଏବଂ ଆତ୍ମବିକାଶ କରିବା।

### ଏକକ-୧ : ନିଜକୁ ବୁଝିବା

- ନିଜକୁ ବୁଝିବା: ଜଣେ ବ୍ୟକ୍ତି ଏବଂ ବିଦ୍ୟାଳୟରେ ଜଣେ ବୃତ୍ତିଧାରୀ ଭାବେ।
- କାର୍ଯ୍ୟରତ ଜୀବନରେ ଅର୍ଥ ଓ ଉଦ୍ଦେଶ୍ୟକୁ ବୁଝିବା।
- ସକରାତ୍ମକ ଆତ୍ମ-ପ୍ରତ୍ୟୟ ଏବଂ ଆତ୍ମ ସମ୍ମାନର ବିକାଶ।

### ଏକକ ୨ : ଅନ୍ୟମାନଙ୍କ ସହିତ ସମ୍ପର୍କୀତ ଆତ୍ମ ପ୍ରତ୍ୟୟ

- ବିଦ୍ୟାଳୟର ସାମାଜିକ ପ୍ରାସଙ୍ଗିକତାରେ ନିଜର ଭୂମିକାକୁ ବୁଝିବା।
- ପରସ୍ପର ବିରୋଧୀ ବ୍ୟବହାର ତଥା ବହୁମୁଖୀ ଭୂମିକା ଉପଲବ୍ଧିର ସମାଧାନ କରିବା।
- ପ୍ରଭାବର କ୍ଷେତ୍ର ଏବଂ ଆଗ୍ରହର କ୍ଷେତ୍ର।

### ଏକକ ୩ : ବିଦ୍ୟାଳୟ ପ୍ରସଙ୍ଗରେ ନିଜକୁ ବୁଝିବା

- ଆତ୍ମ ବିକାଶର ଲକ୍ଷ୍ୟ ଏବଂ ଅନୁଷ୍ଠାନର ଲକ୍ଷ୍ୟ ମଧ୍ୟରେ ସମନ୍ୱୟ।
- ବିଦ୍ୟାଳୟର ବିଭିନ୍ନ କାମରେ ନିଜର ବହୁବିଧ ଭୂମିକା।
- ବୃତ୍ତିଗତ ଲକ୍ଷ୍ୟ ଏବଂ ଅଭ୍ୟାସର ସମନ୍ୱୟ କରିବା ଓ ଚିନ୍ତା କରିବା ।

### ଏକକ ୪ - ନିଜର ବୃତ୍ତିଗତ ବିକାଶ

- ଲୋକମାନଙ୍କ ସହ କାର୍ଯ୍ୟ କରିବା ଏବଂ ସଂପର୍କ ସ୍ଥାପନ କରିବା।
- ସାମାଜିକ ଶିକ୍ଷଣ ଏବଂ ଏକା ସାଥିରେ ଆଗକୁ ବଢ଼ିବା ପାଇଁ ଏକ କ୍ଷେତ୍ରଭାବେ ବିଦ୍ୟାଳୟ।
- ସାମୂହିକ ଦାୟିତ୍ୱବୋଧ ଭାବନାର ସୃଷ୍ଟି: ସାମାଜିକ, ନୈତିକ ଓ ନୀତିଶାସ୍ତ୍ରଗତ।

## ମୁଖ୍ୟ ବିଭାଗ-୩: ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ କରିବା

ଏହି ବିଭାଗ ମୁଖ୍ୟତଃ ଶିକ୍ଷଣ ଶିକ୍ଷାଦାନ ବ୍ୟବସ୍ଥାରେ ରୂପାନ୍ତରଣ ଆଣିବା ନିମନ୍ତେ ନେତୃତ୍ୱଧାରୀ ବ୍ୟକ୍ତିଙ୍କର ଦକ୍ଷତାର ବିକାଶ ଉପରେ ଗୁରୁତ୍ୱାରୋପ କରିଥାଏ। ସେମାନେ ବୁଝିବା ଉଚିତ ଯେ ବିଦ୍ୟାଳୟ ହେଉଛି ଏକ ସ୍ଥାନ ଯେଉଁଥିରେ ଅନ୍ୱେଷଣ ଏବଂ ସୃଜନଶୀଳ କାର୍ଯ୍ୟ ପାଇଁ ସୁଯୋଗ ସୃଷ୍ଟି କରିବା ସଙ୍ଗେସଙ୍ଗେ ଶ୍ରେଣୀଗୃହ ପ୍ରକ୍ରିୟାକୁ ଅଧିକ ସୃଜନଶୀଳ ଓ ଶିଶୁ କୈନ୍ଦ୍ରିକ କରିହେବ। ନିଜର ବିଦ୍ୟାଳୟରେ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ରୂପାନ୍ତରଣ କରିବା ପାଇଁ ବିଦ୍ୟାଳୟ ମୁଖ୍ୟମାନଙ୍କ ସାମର୍ଥ୍ୟ ବୃଦ୍ଧି ଉପରେ ଏହା ଲକ୍ଷ୍ୟ ରଖିଛି।

### ଉଦ୍ଦେଶ୍ୟ

- ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାକୁ ଶିଶୁ କୈନ୍ଦ୍ରିକ ସୃଜନାତ୍ମକ କାର୍ଯ୍ୟ ଭାବେ ରୂପାନ୍ତର କରିବା।

## ଏକକ-୧ : ଶିକ୍ଷାର ଉଦ୍ଦେଶ୍ୟ ଏବଂ ବିଦ୍ୟାଳୟ

- ଅନୁସନ୍ଧିତ୍ସୁ ମନୋଭାବର ଯତ୍ନନେବା
- ନିର୍ଣ୍ଣୟାକ ଚିନ୍ତନ ପାଇଁ ଶିକ୍ଷା।
- ସଶକ୍ତିକରଣ ପାଇଁ ଶିକ୍ଷା
- ଦାୟିତ୍ୱସଂପନ୍ନ ନାଗରିକ ମାନଙ୍କର ବିକାଶ କରିବା।

## ଏକକ-୨ : ଶିକ୍ଷାର୍ଥୀ-କୈନ୍ଦ୍ରିକ ଶିକ୍ଷାତତ୍ତ୍ୱକୁ ବୁଝିବା

- ବର୍ଦ୍ଧିଷ୍ଣୁ ଶିଶୁର ଶିକ୍ଷଣ ଓ ବିକାଶ ସମ୍ବନ୍ଧୀୟ ଆବଶ୍ୟକତା
- ଜ୍ଞାନର ସଂଗଠକ ଏବଂ ସକ୍ରିୟ ଶିକ୍ଷାର୍ଥୀ ଭାବେ ଶିଶୁ।
- ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀଙ୍କ ପାଇଁ ଶିକ୍ଷଣକୁ ଆନନ୍ଦଦାୟୀ ଏବଂ ସୃଜନାତ୍ମକ ଅନୁଭୂତିରେ ପରିଣତ କରିବା।
- ଉଭୟ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କର ସମ୍ମିଳିତ ଅନ୍ୱେଷଣ ଭାବେ ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା।
- ଏକ ସାମାଜିକ-ସାଂସ୍କୃତିକ ବିବିଧତା ପୂର୍ଣ୍ଣ ଅନ୍ତର୍ନିବେଶ ପରିସ୍ଥିତିରେ ଶିକ୍ଷଣ।

## ଏକକ-୩ : ଅନୁକୂଳ ଶିକ୍ଷଣ-ଶିକ୍ଷାଦାନ ପରିସ୍ଥିତିର ସଂଗଠନ

- ବିଦ୍ୟାଳୟରେ ଓ ଶ୍ରେଣୀଗୃହରେ ଜୀବନ୍ତ ତଥା ଆକର୍ଷଣୀୟ ପରିବେଶ
- ଶ୍ରେଣୀଗୃହରେ ସ୍ଥାନ ଏବଂ ସାମଗ୍ରୀର ସୃଜନାତ୍ମକ ସଂଗଠନ।
- ସକ୍ରିୟ ଶିକ୍ଷଣ ସୁଯୋଗର ଦୃଢ଼ୀକରଣ।
- ଅନ୍ତର୍ନିବେଶ ପରିବେଶ ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ, ଗ୍ରହଣ କରିବାର ମନୋଭାବ ଏବଂ ଏକ ସାଧାରଣ ପରିଚିତିର ଧାରଣା।
- ଆଦରପୂର୍ଣ୍ଣ, ନିରାପଦ ଏବଂ ଯତ୍ନଶୀଳ ଶ୍ରେଣୀଗୃହ ପରିବେଶ।

## ଏକକ-୪ :ଶ୍ରେଣୀ ଗୃହ ପ୍ରକ୍ରିୟା ଗୁଡ଼ିକର ଫଳପ୍ରଦତାର ଉନ୍ନତି ସାଧନ

- ପର୍ଯ୍ୟବେକ୍ଷଣ, ପ୍ରତିପୁଷ୍ଟି ଏବଂ ପରିଦର୍ଶନ।
- ପିଲାଙ୍କ ସହ ପ୍ରତ୍ୟକ୍ଷ ସଂପୃକ୍ତି ତଥା ପ୍ରତ୍ୟେକ ପିଲାର ପ୍ରଗତି ଉପରେ ନଜର ରଖିବା।
- ଶ୍ରେଣୀ ଗୃହର ଗତିବିଧିରେ ସୁଧାର ପାଇଁ ସହଭାଗୀ ପ୍ରଚେଷ୍ଟା।
- ତାଲିମ ଏବଂ ଉପଦେଶନ (Mentoring)
- ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟା (Technology)
- ଅନ୍ୱେଷଣ ଏବଂ ପରୀକ୍ଷଣରେ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବା।

### ଏକକ-୫: ଏକ ବୃତ୍ତିଧାରୀ ଭାବେ ଶିକ୍ଷକଙ୍କର ବିକାଶ

- ବିଦ୍ୟାଳୟ ଓ ରୂପାନ୍ତରଣର ସୂତ୍ରଭାବେ ଶିକ୍ଷକ
- ଶିକ୍ଷକଙ୍କ ନେତୃତ୍ୱର ବିକାଶ ସାଧନ
- ଚିନ୍ତନଶୀଳ କାର୍ଯ୍ୟକର୍ତ୍ତା ରୂପେ ଶିକ୍ଷକ
- ଶ୍ରେଣୀଗୃହ ଭିତରେ ଏବଂ ବାହାରେ ଶିକ୍ଷକ-ଶିକ୍ଷାର୍ଥୀଙ୍କ ମଧ୍ୟରେ ଆଲୋଚନାକୁ ସୁଯୋଗ ଦେବା।
- ଶିକ୍ଷକମାନଙ୍କର ସମସ୍ୟା ଏବଂ ଉଦ୍‌ବେଗଗୁଡ଼ିକର ସମାଧାନ କରିବା।
- ଶିକ୍ଷକଙ୍କର ବୃତ୍ତିଗତ ବିକାଶକୁ ପ୍ରୋତ୍ସାହନ ଦେବା।

### ଏକକ-୬: ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ସମୃଦ୍ଧି କରଣ: ଶ୍ରେଣୀଗୃହ ଉପରାନ୍ତେ ପ୍ରଚେଷ୍ଟା।

- ପିତାମାତାଙ୍କ ଦୃଷ୍ଟିଭଙ୍ଗୀ ଦ୍ୱାରା ପିଲାଙ୍କୁ ବୁଝିବା।
- ପିଲାଙ୍କର ଶିକ୍ଷଣ ପାଇଁ ପରିବାରର ସହଯୋଗ।
- ଗୋଷ୍ଠୀ ଜ୍ଞାନ ଏବଂ ସୃଜନଶୀଳତା ମାଧ୍ୟମରେ ବିଦ୍ୟାଳୟ ଅନୁଭୂତିକୁ ସମୃଦ୍ଧ କରିବା।
- ପିତାମାତା ଏବଂ ଶିକ୍ଷକଙ୍କ ମଧ୍ୟରେ ପ୍ରତିପୁଷ୍ଟି ଚକ୍ରର ଦୃଢ଼ୀକରଣ: ବିଦ୍ୟାଳୟ ଅନୁଭୂତି ଏବଂ ଶିକ୍ଷଣ।
- ଶିକ୍ଷଣ ସ୍ଥାନ ପାଇଁ ପାରିପାର୍ଶ୍ୱିକ ପରିବେଶ

## ମୁଖ୍ୟ ବିଭାଗ ୪: ଦଳଗଠନ କରିବା ତଥା ଦଳର ନେତୃତ୍ୱ ନେବା

ଏହି ମୁଖ୍ୟ ବିଭାଗରେ ଫଳପ୍ରଦ ଦଳ ଗଠନ ଏବଂ ତାହା ଦୀର୍ଘସ୍ଥାୟୀ ହେବା ପାଇଁ ଆବଶ୍ୟକ କୌଶଳର ଆଲୋଚନା କରାଯାଇଛି। ଏହା ସାମୂହିକ ଗତିଶୀଳତା, ସହଭାଗୀ ପ୍ରକ୍ରିୟା, ଦଳଗତ କାର୍ଯ୍ୟ, ଦ୍ୱନ୍ଦ ସମାଧାନ, ଦଳର ସଦସ୍ୟଙ୍କର ବୃତ୍ତିଗତ ବିକାଶ ପାଇଁ ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦିଏ।

### ଉଦ୍ଦେଶ୍ୟ

- ସହଭାଗିତାକୁ ସୁଗମ କରିବା ଏବଂ ଦଳରେ କାର୍ଯ୍ୟ କରିବା ।

### ଏକକ-୧ : ଦଳ ଗଠନ କରିବା

- ଦଳର ସଦସ୍ୟଙ୍କର ସାମର୍ଥ୍ୟ ଏବଂ ଦକ୍ଷତାକୁ ବୁଝିବା।
- ଦଳଗତ କ୍ରିୟା ପ୍ରତିକ୍ରିୟାର ଅଧ୍ୟୟନ
- ସହଯୋଗିତା ଏବଂ ସହଭାଗିତା ପାଇଁ ପ୍ରକ୍ରିୟା ପ୍ରସ୍ତୁତ କରିବା ।
- ଦାୟିତ୍ୱବୋଧ ସହ ଦକ୍ଷତାର ସଂଯୋଜନା।

### ଏକକ-୨ : ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା

- ମିଳିତଭାବେ ଯୋଜନା ପ୍ରସ୍ତୁତ କରିବା
- ବୃତ୍ତିଗତ ଚର୍ଚ୍ଚା ଏବଂ ଆଲୋଚନାକୁ ପ୍ରାଧାନ୍ୟ ଦେବା
- ସମ୍ମିଳିତଭାବେ କାର୍ଯ୍ୟ କରିବା
- ଗଠନମୂଳକ ଧାରଣାରେ ଗଭୀର ସଂପୃକ୍ତି ପାଇଁ ଏକ ପରିସ୍ଥିତି ଭାବେ ସହକର୍ମୀମାନଙ୍କ ବୈଠକ।
- ସମୀକ୍ଷା ଏବଂ ପ୍ରତିପୁଷ୍ଟି ପ୍ରକ୍ରିୟାକୁ ପ୍ରତିଷ୍ଠା କରିବା।

### ଏକକ-୩ : ଦଳପତି ରୂପେ କାର୍ଯ୍ୟକାରିତା

- ଫଳପ୍ରଦ ଦଳଗତ କାର୍ଯ୍ୟ ନିମନ୍ତେ ସୁଯୋଗ ସୃଷ୍ଟି କରିବା
- ଦଳ ନିମନ୍ତେ ଫଳପ୍ରଦ ଯୋଗାଯୋଗ ପ୍ରକ୍ରିୟାର ସ୍ଥାପନ କରିବା
- ଦଳଗତ କାର୍ଯ୍ୟରେ ନିଷ୍ପତ୍ତି ନେବା ପ୍ରକ୍ରିୟା
- ଦଳଗତ ଭାବେ କାର୍ଯ୍ୟ ସଂପାଦନ କରିବା।
- ଦ୍ୱନ୍ଦ୍ୱ ସମାଧାନ

## ମୁଖ୍ୟ ବିଭାଗ-୫ : ଅଭିନବତ୍ୱ ପାଇଁ ନେତୃତ୍ୱ

ଏହି ମୁଖ୍ୟ ବିଭାଗ ସଦାସର୍ବଦା ପରିବର୍ତ୍ତନ ଏବଂ ନୂତନତା ମାଧ୍ୟମରେ ବିଦ୍ୟାଳୟର ଢ଼ାଞ୍ଚା ଏବଂ କାର୍ଯ୍ୟକ୍ରମର ରୂପାୟନ ପାଇଁ ପ୍ରୟାସ କରେ। ଏହାର ଉଦ୍ଦେଶ୍ୟ ହେଉଛି ପରିସ୍ଥିତି, ବ୍ୟବସ୍ଥା, ଢ଼ାଞ୍ଚା ଏବଂ ପ୍ରକ୍ରିୟାଗୁଡ଼ିକୁ ପ୍ରସ୍ତୁତ କରିବା ଯାହା ନୂତନ ବିଚାର ଓ କାର୍ଯ୍ୟକୁ ସହାୟତା ପ୍ରଦାନ କରିବ ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ଅଭିନବତ୍ୱର ଏକ ସଂସ୍କୃତି ସୃଷ୍ଟି କରିବ।

### ଉଦ୍ଦେଶ୍ୟ

- ଅଭିନବ କାର୍ଯ୍ୟ ମାଧ୍ୟମରେ ରୂପାନ୍ତରଣକୁ ସହାୟତା ପ୍ରଦାନ କରିବା।

### ଏକକ-୧ : ଅଭିନବ ସୃଷ୍ଟି - ଏକ ଶିକ୍ଷଣ ସଂଗଠନର କେନ୍ଦ୍ରବିନ୍ଦୁ

- ବିଦ୍ୟାଳୟ ମୁଖ୍ୟ : ଅଭିନବତ୍ୱ ପାଇଁ ମୁଖ୍ୟ ପ୍ରେରଣା ସ୍ରୋତ
- ନୂତନ ବିଚାରର ସନ୍ଧାନ: ବାର୍ତ୍ତାଳାପ ଏବଂ ମାନସ ମନ୍ଥନ
- ଅଭିନବତ୍ୱ : ବିଦ୍ୟାଳୟ ଉନ୍ନତି ପାଇଁ ମହତ୍ତ୍ୱପୂର୍ଣ୍ଣ
- ନିୟାମକ ରୂପରେଖ ଉପରାନ୍ତେ ଦୃଷ୍ଟିପାତ।

### ଏକକ-୨ : ବିଦ୍ୟାଳୟରେ ଅଭିନବତ୍ୱର ଏକ ସଂସ୍କୃତି ସୃଷ୍ଟି କରିବା ।

- ଅଭିନବ ପ୍ରଚେଷ୍ଟା ପାଇଁ ଯତ୍ନଶୀଳ ହେବା: ପରୀକ୍ଷା ଏବଂ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରିବା ।
- ପର୍ଯ୍ୟାପ୍ତ ସମ୍ବଳ ଏବଂ ଶୈକ୍ଷିକ ସହାୟତାକୁ ନିଶ୍ଚିତ କରିବା
- ବ୍ୟକ୍ତିଗତ ସମ୍ମାନ ଏବଂ ବିବିଧ ଦୃଷ୍ଟିକୋଣର ସମାଯୋଜନା
- ପରବର୍ତ୍ତନ ବିରୋଧକୁ ବୁଝିବା ଓ ପରିବର୍ତ୍ତନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ।
- ନୂତନ ବିଚାର ଏବଂ କାର୍ଯ୍ୟ ପାଇଁ ପୁରସ୍କାର ଓ ସ୍ୱୀକୃତି ।
- ବିଦ୍ୟାଳୟରେ ସୃଜନଶୀଳତାର ଚିହ୍ନଟୀକରଣ ଏବଂ ତାର ଲିପିବଦ୍ଧ କରଣ

### ଏକକ-୩: ଅଭିନବ ସୃଷ୍ଟି ମାଧ୍ୟମରେ ବିଦ୍ୟାଳୟର ପୁନଃପରିକଳ୍ପନା

- ବିଦ୍ୟାଳୟ ସ୍ତରରେ ଅଭିନବ ସୃଷ୍ଟି : ପାଠ୍ୟକ୍ରମର ସଂଗଠନରେ ପରିବର୍ତ୍ତନ, ବାର୍ଷିକ କ୍ୟାଲେଣ୍ଡର, କାର୍ଯ୍ୟ ବଣ୍ଟନ, ଆର୍ଥିକ ଆକଳନରେ, ମଧ୍ୟାହ୍ନ ଭୋଜନରେ, ଅର୍ଥ ପରିଚାଳନାରେ ଏବଂ ସଂଚୟବୃଦ୍ଧି, ଉପଲବ୍ଧ ସମ୍ବଳର ସର୍ବାଧିକ ବିନିଯୋଗ,ବାର୍ଷିକ ଉତ୍ସବ ସଂଗଠନ, ଗୋଷ୍ଠୀ ସଭାର ଏବଂ ସହକର୍ମୀଙ୍କୁ ସଭାର ଆୟୋଜନରେ ପରିବର୍ତ୍ତନ ଆଣିବା ।
- ଶ୍ରେଣୀ ସ୍ତରରେ ଅଭିନବ ସୃଷ୍ଟି: ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟା, ଶ୍ରେଣୀଗୃହ-ସଂଗଠନ, ସମୟ-ନିର୍ଘଣ୍ଟ ପ୍ରସ୍ତୁତି ଏବଂ ଶ୍ରେଣୀ ପରିଚାଳନାର ଉନ୍ନତି ସାଧନ
- ଅଭିନବ ସ୍ରଷ୍ଟା ଭାବେ ଶିକ୍ଷାର୍ଥୀ, ଶିକ୍ଷକ ଏବଂ ଗୋଷ୍ଠୀ ସଦସ୍ୟ ।

## ମୁଖ୍ୟ ବିଭାଗ - ୬ : ଭାଗିଦାରୀ ନେତୃତ୍ୱ

ବିଦ୍ୟାଳୟର ରୂପାନ୍ତରିକରଣର ନେତୃତ୍ୱ ଉଭୟ ବିଦ୍ୟାଳୟ ଭିତରେ ଏବଂ ବାହାରେ ଥିବା ସମସ୍ତ ବ୍ୟକ୍ତିଙ୍କ ସହଭାଗିତା ଉପରେ ନିର୍ଭର କରେ। ଏହି ମୁଖ୍ୟ ବିଭାଗଟି ଅଭିଭାବକ, ଗୋଷ୍ଠୀ, ଶିକ୍ଷା ବିଭାଗ ଅଧିକାରୀ ଏବଂ ପଡ଼ୋଶୀ ବିଦ୍ୟାଳୟ ଗୁଡ଼ିକ ସହିତ ଅର୍ଥପୂର୍ଣ୍ଣ ସଂପର୍କର ବିକାଶ ଉପରେ ଗୁରୁତ୍ୱ ଦିଏ। ଏହାର ଉଦ୍ଦେଶ୍ୟ ହେଉଛି ବହୁବିଧ ହିତାଧିକାରୀଙ୍କ ସହ ଭାଗୀଦାରୀ ସଂପର୍କ ସ୍ଥାପନ ପାଇଁ ବିଦ୍ୟାଳୟ ମୁଖ୍ୟଙ୍କୁ କୁଶଳତାର ସହ ସୁଯୋଗ ସୃଷ୍ଟି କରିବାରେ ସକ୍ଷମ କରିବା ।

### ଉଦ୍ଦେଶ୍ୟ

- ବିଦ୍ୟାଳୟର ରୂପାନ୍ତରଣ ପାଇଁ ଅଭିଭାବକ ତଥା ସମସ୍ତ ଶିକ୍ଷା ପଦାଧିକାରୀଙ୍କ ସହ ଭାଗିଦାରୀ ସଂପର୍କ ସୃଷ୍ଟି କରିବା ।

### ଏକକ-୧ : ଗୃହ-ବିଦ୍ୟାଳୟ ଭାଗିଦାରିତା

- ଗୃହ ଓ ବିଦ୍ୟାଳୟ ମଧ୍ୟରେ ପାରସ୍ପରିକ ଆଦାନ ପ୍ରଦାନ ସୁଯୋଗ ସୃଷ୍ଟି କରିବା ।
- ଶିକ୍ଷଣ ଏବଂ ବିକାଶ, ଶିକ୍ଷକ ଏବଂ ଅଭିଭାବକଙ୍କ ମିଳିତ ଦାୟିତ୍ୱ ।
- ଅଭିଭାବକ ଓ ଶିକ୍ଷକଙ୍କ ବିଚାରରେ ଭିନ୍ନତା ଏବଂ ଆଶା ସହିତ ଖାପ ଖୁଆଇ ଚଳିବା ।
- ବିଦ୍ୟାଳୟ ପରିଚାଳନାରେ ପିତାମାତାଙ୍କର ସଂପୃକ୍ତିକୁ ଉତ୍ସାହିତ କରିବା ।
- ପିତାମାତାଙ୍କ ଶିକ୍ଷଣର ସ୍ଥଳ ଭାବେ ବିଦ୍ୟାଳୟ ।

### ଏକକ-୨ ଗୋଷ୍ଠୀ ସହିତ କାର୍ଯ୍ୟ କରିବା

- ବିଦ୍ୟାଳୟ-ଗୋଷ୍ଠୀ ସଂପର୍କକୁ ବୁଝିବା
- ବିଦ୍ୟାଳୟ ଗୋଷ୍ଠୀର ସଂପୃକ୍ତି ପାଇଁ ସୁଯୋଗ ସୃଷ୍ଟି କରିବା ।
- ବିଦ୍ୟାଳୟ ପରିଚାଳନା କମିଟି ମାଧ୍ୟମରେ ଗୋଷ୍ଠୀର ଅଂଶଗ୍ରହଣକୁ ଆନୁଷ୍ଠାନିକ ରୂପ ଦେବା ।
- ବିଦ୍ୟାଳୟ ବିକାଶ ଯୋଜନାରେ ଗୋଷ୍ଠୀର ଭୂମିକା ।
- ଗୋଷ୍ଠୀର ସାମାଜିକ ଶିକ୍ଷଣର ଏକ ସ୍ଥଳଭାବେ ବିଦ୍ୟାଳୟ
- ସ୍ଥାନୀୟ ନେତୃତ୍ୱ ସହିତ ପାରସ୍ପରିକ ବୁଝାମଣା ଏବଂ ସମ୍ମାନ ସହ କାର୍ଯ୍ୟ କରିବା ।

### ଏକକ-୩: ବ୍ୟବସ୍ଥା ସହ କାର୍ଯ୍ୟକରିବା

- ଶିକ୍ଷାଦାନ ବ୍ୟବସ୍ଥାର ଏକ ଅଂଶ ଭାବେ ବିଦ୍ୟାଳୟ
- ଶୈକ୍ଷିକ ପ୍ରଶାସକଙ୍କ ସହ ଫଳପ୍ରଦ ଭାବେ କାର୍ଯ୍ୟକରିବା ।
- ବିଦ୍ୟାଳୟ ବିକାଶ ପାଇଁ ଦାବୀ ସହିତ ଓ ବ୍ୟବସ୍ଥାଗତ ସ୍ତରର ଆବାଶ୍ୟକତା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ।
- ସ୍ଥାନୀୟ ସମ୍ବଳ ସହାୟକ ଅନୁଷ୍ଠାନ ସହ ଯୋଗାଯୋଗ ସ୍ଥାପନ ।
- ବିଭିନ୍ନ ଗୋଷ୍ଠୀର ବିଦ୍ୟାଳୟଗୁଡ଼ିକ ମଧ୍ୟରେ ସର୍ବୋତ୍କୃଷ୍ଟ କାର୍ଯ୍ୟଗୁଡ଼ିକର ଆଦାନପ୍ରଦାନ, ଅଂଶଗ୍ରହଣ, ଗ୍ରହଣ କରିବା ।

## ମୁଖ୍ୟ ବିଭାଗ - ୭ : ବିଦ୍ୟାଳୟ ପ୍ରଶାସନକୁ ନେତୃତ୍ୱ ଦେବା

ଏହି ମୁଖ୍ୟ ବିଭାଗ ବିଦ୍ୟାଳୟ ନେତୃତ୍ୱର ପ୍ରଶାସନିକ ଓ ଆର୍ଥିକ ଦିଗ ଉପରେ ଗୁରୁତ୍ୱ ଦେଇଛି । ଏହା ବିଦ୍ୟାଳୟର ମୁଖ୍ୟମାନଙ୍କୁ ରାଜ୍ୟ ସରକାରଙ୍କ ଅନୁମୋଦିତ ପ୍ରଶାସନିକ ନିୟମାବଳୀ ଓ ନିର୍ଦ୍ଦେଶାବଳୀ ଗୁଡିକୁବୁଝିବାରେସାହାଯ୍ୟକରିଥାଏଓତତ୍‌ସହିତସେମାନେବିଦ୍ୟାଳୟରଅର୍ଥବ୍ୟବସ୍ଥା,ବଜେଟ୍‌ଓପାଣ୍ଠିର ଉପଯୋଗ ବିଷୟରେ ମଧ୍ୟ ବୁଝିଥାନ୍ତି । ବିଦ୍ୟାଳୟକୁ ନେତୃତ୍ୱ ଦେବାବେଳେ ଭୌତିକ ଓ ମାନବ ସମ୍ବଳଗୁଡିକର ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ଓ ଏହି ବିଭାଗ ସମ୍ବଳଗୁଡିକର ବିଭିନ୍ନ ଦିଗରେ ଫଳପ୍ରଦ ବ୍ୟବହାରର ଅନୁସନ୍ଧାନ କରିଥାଏ । ଏହି ବିଭାଗ ଚେଷ୍ଟା କରି

ବିଦ୍ୟାଳୟର ମୁଖ୍ୟମାନଙ୍କୁ ଫଳପ୍ରଦ ତଥ୍ୟ ଭିତ୍ତିକ ବ୍ୟବସ୍ଥା (Database) ଗଠନ କରିବାରେ ଓ ବିଦ୍ୟାଳୟର ରୂପାନ୍ତରଣ ସହ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଥିବାରୁ ଗୁରୁତ୍ୱପୂର୍ଣ୍ଣ ଅଟେ।

## ଉଦ୍ଦେଶ୍ୟ

- ବିଦ୍ୟାଳୟ ମୁଖ୍ୟମାନଙ୍କ ମଧ୍ୟରେ ଫଳପ୍ରଦ ପ୍ରଶାସନ, ଆର୍ଥିକ ନିୟନ୍ତ୍ରଣ, ସମ୍ବଳର ପରିଚାଳନା ଓ ତଥ୍ୟଭିତ୍ତିକ ନିଷ୍ପତ୍ତି ନେବା ପାଇଁ ଜ୍ଞାନ ଓ କୌଶଳର ବିକାଶ କରିବା।

## ଏକକ ୧ : ବିଦ୍ୟାଳୟ ପ୍ରଶାସନକୁ ବୁଝିବା

- ବିଦ୍ୟାଳୟ ରୂପାନ୍ତରଣ ପରିପ୍ରେକ୍ଷୀରେ ବିଦ୍ୟାଳୟ ମୁଖ୍ୟମାନଙ୍କ ଭୂମିକାକୁ ପ୍ରସ୍ତୁତ କରିବା।
- ବିଦ୍ୟାଳୟ ମୁଖ୍ୟ / ଅଧକ୍ଷ, ଶିକ୍ଷକ ଓ କର୍ମଚାରୀଙ୍କର ବିଦ୍ୟାଳୟ ଅଧିନିୟମ, ବିଭିନ୍ନ ପ୍ରକାର ନିୟମ (ଆଚରଣ, ସେବା ଛୁଟି ଓ ପେନ୍‌ସନ୍) ସଂପର୍କିତ ଜ୍ଞାନ
- ରାଜ୍ୟ ସରକାରଙ୍କ ନୀତି, ଯୋଜନା ଏବଂ ଉପଯୋଜନା (Scheme) ମାନଙ୍କର ଲକ୍ଷଣ, ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ ଗୁଡିକୁ ବୁଝିବା ଏବଂ ବିଦ୍ୟାଳୟ ସ୍ତରରେ ସେଗୁଡିକର ଉପଯୁକ୍ତ କାର୍ଯ୍ୟକାରିତା ବୁଝିବା
- ବିଭିନ୍ନ ସମସ୍ୟା ସଂପୃକ୍ତ ଅଧିକାରୀମାନଙ୍କ ସହିତ ଯୋଗାଯୋଗ କରିବା ପାଇଁ ଫାଇଲ୍ ପ୍ରସ୍ତୁତି, ଡ୍ରାପ୍ଟ ଓ ଟିପ୍ପଣୀ ପ୍ରକ୍ରିୟାକୁ ବୁଝିବା
- ଶିକ୍ଷକମାନେ ବାର୍ଷିକ ଗୋପନୀୟ ବିବରଣୀ (ACR) ବାର୍ଷିକ କାର୍ଯ୍ୟ ସଂପାଦନ ସମୀକ୍ଷା ବିବରଣୀ (APAR)
- ବିଦ୍ୟାଳୟ ସ୍ତରୀୟ ଯୋଜନାକୁ ଶିକ୍ଷକ, ଶିକ୍ଷାର୍ଥୀ ଓ କର୍ମଚାରୀଙ୍କ ସହଭାଗିତାରେ କାର୍ଯ୍ୟକାରୀ କରିବା ପାଇଁ ଉତ୍ତରଦାୟୀ (Accomotable) ବ୍ୟବସ୍ଥା ସୃଷ୍ଟି କରିବା

## ଏକକ ୨ : ବିଦ୍ୟାଳୟ ଅର୍ଥ ପରିଚାଳନା

- ଆର୍ଥିକ ଓ ସମ୍ବଳ ପରିଚାଳନାର ବିଶେଷତ୍ୱ
- ଆୟ ବ୍ୟୟର ଆକଳନ (Budgeting) ଓ ହିସାବ ରଖିବା ସାଧନୀ (Accounting tools) ସଂପର୍କିତ ଜ୍ଞାନ
- ଆର୍ଥିକ ବିଷୟ ଓ ପାଣ୍ଠି ଉପଯୋଗର ମାନଦଣ୍ଡ ନିର୍ଣ୍ଣୟରେ ସ୍ୱୟଂ ନିୟନ୍ତ୍ରଣ
- କର୍ମଚାରୀମାନଙ୍କୁ ଆର୍ଥିକ ସମ୍ବନ୍ଧୀୟ ମିଳୁଥିବା ସୁବିଧା ଯଥା- ଦରମା, ବକେୟା ପ୍ରାପ୍ୟ (Arrear) ପେନ୍‌ସନ୍ ହିସାବ ଆଦି ବୁଝିବା
- ବିଦ୍ୟାଳୟ ସ୍ତରର ବିଲ୍ ପ୍ରସ୍ତୁତି (ଦରମା, ବକେୟା ପ୍ରାପ୍ୟ, ଚିକିତ୍ସାଗତ, ଅତ୍ୟାବଶ୍ୟକ ଅର୍ଥ (Contigency) ରସିଦ୍ ଇତ୍ୟାଦି) କେଶ୍ ବୁକ୍‌ର ରକ୍ଷଣା ବେକ୍ଷଣ ଅଡିଟ୍ ଓ ଟ୍ୟାକ୍‌ସ୍ ପ୍ରକ୍ରିୟା ସଂପର୍କିତ ଆର୍ଥିକ ବିଷୟ ଗୁଡିକୁ ବୁଝିବା।

## ଏକକ ୩ : ଭୌତିକ ଓ ମାନବ ସମ୍ବଳ ପରିଚାଳନା

- ଶିକ୍ଷାର୍ଥୀଙ୍କ ପାଇଁ ବିଦ୍ୟାଳୟ ପରିବେଶକୁ ଆନନ୍ଦମୟ ଓ ଶିକ୍ଷଣ ସ୍ଥାନ ରୂପେ ଗଢି ତୋଳିବା
- ବିଭାଗ ଓ ଗୋଷ୍ଠୀ ସହ ସଂପର୍କ ରଖି ବିଦ୍ୟାଳୟର ଅନ୍ତର୍ନିର୍ମାଣକୁ ଉପଲବ୍ଧ କରାଇବା ଓ ଭଲଭାବେ କାର୍ଯ୍ୟକାରୀ ଶ୍ରେଣୀକୁ ନିଶ୍ଚିତ କରିବା।
- ଖୋଲା ସ୍ଥାନ ଓ ଖେଳ ପଡିଆର ବିକାଶ କରିବା.
- ବିଦ୍ୟାଳୟରେ ପିଲାଙ୍କ ନିରାପତ୍ତା ପାଇଁ ସହଭାଗିତାରେ ଏକ ମଡେଲ୍ ପ୍ରସ୍ତୁତ କରିବା ଓ ସେଥିପାଇଁ ସମ୍ବଳ ଗୁଡିକୁ ନିଶ୍ଚିତ କରିବା।
- ଅଭିନବ ଉପାୟରେ ବିଦ୍ୟାଳୟରେ ଉପଲବ୍ଧ ସମ୍ବଳଗୁଡିକର ସର୍ବାଧିକ ବିନିଯୋଗ କରିବା।
- ମାନବ ସମ୍ବଳ ଗୁଡିକୁ ନିଶ୍ଚିତ କରିବା ପାଇଁ ପାଖାପାଖି ବିଦ୍ୟାଳୟ, ଗୋଷ୍ଠୀ ଓ ବିଭାଗ ସହ ସଂପର୍କ ରଖିବା।
- ଶିକ୍ଷକ ଓ କର୍ମଚାରୀଙ୍କ ପରିଚାଳନା ଏବଂ ଆର୍ଥିକ ସମସ୍ୟା ଗୁଡିକୁ ଆଲୋଚନା ଓ ସମାଧାନ କରିବା।

## ଏକକ ୪ : ସୁଚିନ୍ତିତ ନିଷ୍ପତ୍ତି ପ୍ରସ୍ତୁତି ପାଇଁ ତଥ୍ୟ ଭିତ୍ତିକ ସୂଚନା ପରିଚାଳନା ବ୍ୟବସ୍ଥାର ବ୍ୟବହାର

- ବିଦ୍ୟାଳୟ ରୂପାନ୍ତରଣ ପରିପ୍ରେକ୍ଷୀରେ ସୁଚିନ୍ତିତ ନିଷ୍ପତ୍ତି ପ୍ରସ୍ତୁତିରେ ସମର୍ଥ ହେବା ପାଇଁ ଏକ ପ୍ରାସଙ୍ଗିକ ତଥ୍ୟଭିତ୍ତିର ସୃଷ୍ଟି ଏବଂ ଅବଧାରଣ (Sustain) କରିବାର ଗୁରୁତ୍ୱ।
- ଶିକ୍ଷାର୍ଥୀଙ୍କର ଲକ୍ଷଣ ଏବଂ ସେମାନଙ୍କର ଅଗ୍ରଗତି ତଦାରଖ କରିବା ପାଇଁ ଏକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା (ICT) ସହାୟତାରେ ତଥ୍ୟ ଭିତ୍ତିକ ବ୍ୟବହାର ପ୍ରତିଷ୍ଠା
- ଶିକ୍ଷାର୍ଥୀମାନଙ୍କର ଗ୍ରେଡ୍ ହାସଲରେ ସଫଳ ଅଗ୍ରଗତି ନିଶ୍ଚିତ କରିବା ପାଇଁ ଆବଶ୍ୟକତା-ଭିତ୍ତିକ ଶିକ୍ଷଣ ସହାୟତା ବ୍ୟବସ୍ଥା
- ଚାକିରୀ ନିୟମାବଳୀକୁ ଆଧାର କରିବା ନିଶ୍ଚିତ କରି ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ପାଇଁ ବିଧିବଦ୍ଧ ଏବଂ ସହଜରେ ଉପଲବ୍ଧ ବ୍ୟକ୍ତିଗତ ରେକର୍ଡ
- ଆର୍ଥିକ ତଥ୍ୟଭିତ୍ତିକ ସୂଚନା ଓ ରେକର୍ଡ ସଂରକ୍ଷଣ
- ଶିକ୍ଷାର୍ଥୀ, ଶିକ୍ଷକ ଏବଂ ପିତାମାତାମାନଙ୍କ ସମ୍ବନ୍ଧୀତ କାର୍ଯ୍ୟବିଧିର ଏକ ବ୍ୟବସ୍ଥା ସୃଷ୍ଟି କରିବା। ଏହି କାର୍ଯ୍ୟ ବିଧିରେ ନାମଲେଖା, ଉପସ୍ଥାନ, ବାର୍ଷିକ କାର୍ଯ୍ୟାବଳୀ ନିର୍ଘଣ୍ଟ, ପାଠଖସଡାର ଯୋଜନା, ଅଭିଭାବକ ଶିକ୍ଷକ ବୈଠକ ସମୀକ୍ଷା ଏବଂ ଅଭିଯୋଗ ଓ ପ୍ରସ୍ତାବ ଗୁଡିକ ଉପରେ କାର୍ଯ୍ୟ କରିବାର ପ୍ରକ୍ରିୟା ଆଦି ଅନ୍ତର୍ଭୁକ୍ତ।

# ବିଶେଷ କ୍ଷେତ୍ର

ଭାରତରେ ବିଦ୍ୟାଳୟ ପରିସ୍ଥିତିର ବିବିଧତା ଦୃଷ୍ଟିରୁ ଏହି ରୂପରେଖ ନିର୍ଦ୍ଦିଷ୍ଟ ରାଜ୍ୟ ଏବଂ ପରିସ୍ଥିତିରେ ଅନନ୍ୟ ବିଦ୍ୟାଳୟ ଶିକ୍ଷାର ସମସ୍ୟାଗୁଡ଼ିକର ସହ ଜଡ଼ିତ ବିଶେଷ କ୍ଷେତ୍ର ଗୁଡ଼ିକୁ ବୁଝିବା ଓ ଅନ୍ୱେଷଣ କରିବାର ସୁଯୋଗ ଦେଇଥାଏ। ବିଶେଷ କ୍ଷେତ୍ର ପାଇଁ ପ୍ରସ୍ତାବିତ ପାଠ୍ୟକ୍ରମ ସଂପୃକ୍ତ ରାଜ୍ୟ ଗୁଡ଼ିକରେ ଥିବା ସାମାଜିକ, ଆର୍ଥିକ, ଭୌଗୋଳିକ ଏବଂ ଶୈକ୍ଷିକ ସମସ୍ୟାଗୁଡ଼ିକ ସହ ସଂପର୍କିତ କରି ପ୍ରସ୍ତୁତି କରାଯାଇଛି। ଏହା ସହିତ କ୍ଷୁଦ୍ର ଏବଂ ବହୁଶ୍ରେଣୀ ବିଦ୍ୟାଳୟମାନେ ସମ୍ମୁଖୀନ ହେଉଥିବା ନିର୍ଦ୍ଧିଷ୍ଟ ଆହ୍ୱାନ ଗୁଡ଼ିକ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରିଥାନ୍ତି।

## ବିଶେଷ କ୍ଷେତ୍ର-୧ : ଜନଜାତି ଅଞ୍ଚଳରେ ବିଦ୍ୟାଳୟର ନେତୃତ୍ୱ ନେବା

ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅନ୍ୟସ୍ଥାନମାନଙ୍କଠାରୁ ପୃଥକ ଜନଜାତି ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ବିଶେଷ ଦୃଷ୍ଟି ଦିଆଯାଇଛି। ଜନଜାତି ଅଧ୍ୟୁଷିତ ଅଂଚଳରେ ବାସ କରୁଥିବା ପିଲାମାନଙ୍କ ପାଇଁ ଏକ ପ୍ରାସଙ୍ଗିକ ଏବଂ ଅର୍ଥପୂର୍ଣ୍ଣ ବିଦ୍ୟାଳୟ ଅନୁଭୂତି ସୃଷ୍ଟି କରିବା ପାଇଁ ବିଦ୍ୟାଳୟ ନେତୃତ୍ୱଧାରୀ ବ୍ୟକ୍ତିମାନେ ଜନଜାତି ଅଞ୍ଚଳର ସାଂପ୍ରତିକ ସ୍ଥିତି, ପିଲା ଏବଂ ଗୋଷ୍ଠୀର ଆବଶ୍ୟକତା ଏବଂ ଆକାଂକ୍ଷା ସଂପର୍କରେ ସଂପୂର୍ଣ୍ଣଭାବେ ବୁଝିବା ଆବଶ୍ୟକ। ଏହି ସବୁକୁ ଦୃଷ୍ଟିରେ ରଖି, ଯେଉଁସବୁ ପ୍ରସଙ୍ଗ ଆଲୋଚନା କରାଯିବ ତନ୍ମଧ୍ୟରୁ କେତେକ ନିମ୍ନରେ ଦିଆଯାଇଛି:

- ବିଦ୍ୟାଳୟ ଯେଉଁ ସାମାଜିକ ଏବଂ ସାଂସ୍କୃତିକ ପରିସ୍ଥିତିରେ କାର୍ଯ୍ୟ କରୁଛି, ସେଗୁଡିକୁ ବୁଝିବା।
- ଶିକ୍ଷକ ଏବଂ ପ୍ରଶାସକମାନେ ବିଦ୍ୟାଳୟକୁ ଆଣୁଥିବା ଗତାନୁଗତିକ ଧାରଣାଗୁଡ଼ିକୁ ଚିହ୍ନଟକରିବା ଓ ବୁଝିବା।
- ଭାଷାଗତ ବିବିଧତା ଦୃଷ୍ଟିରୁ ଜନଜାତି ପିଲାମାନଙ୍କର ଆବଶ୍ୟକତାକୁ ବୁଝିବା।
- ବିଦ୍ୟାଳୟ ଗୋଷ୍ଠୀ ଏବଂ ପରିବାର ସଂପର୍କତ ସମସ୍ୟାଗୁଡ଼ିକ ଯାହାକି ଶିକ୍ଷାର୍ଥୀର ବିଦ୍ୟାଳୟରେ ଅନୁପସ୍ଥିତି, ସ୍ଥାନାନ୍ତର ଗମନ, ଏବଂ ଶିକ୍ଷକ ଅନୁପସ୍ଥିତିର କାରଣ ହୋଇଥାନ୍ତି, ସେଗୁଡ଼ିକୁ ବୁଝିବା।
- ଜନଜାତି ଅଞ୍ଚଳର ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ପାଠ୍ୟକ୍ରମ, ପାଠ୍ୟପୁସ୍ତକ ଓ ଶିକ୍ଷାଦାନ କୌଶଳ ସବୁକୁ ପ୍ରାସଙ୍ଗିକ କରିବା।
- ଜନଜାତି ଅଞ୍ଚଳରେ ବିଦ୍ୟାଳୟ ଏବଂ ଗୋଷ୍ଠୀ ସଂପର୍କ
- ଜନଜାତି ଅଞ୍ଚଳରେ ଆବାସିକ ବିଦ୍ୟାଳୟଗୁଡ଼ିକର ପରିଚାଳନା ଏବଂ ପ୍ରଶାସନ।

## ବିଶେଷ କ୍ଷେତ୍ର-୨ : କ୍ଷୁଦ୍ର ଏବଂ ବହୁଶ୍ରେଣୀ ପରିସ୍ଥିତି ବିଦ୍ୟାଳୟରେ ଶିକ୍ଷାଦାନ-ଶିକ୍ଷଣର ନେତୃତ୍ୱ ନେବା।

ସ୍ୱତନ୍ତ୍ର ଧ୍ୟାନ ଆବଶ୍ୟକ କରୁଥିବା କ୍ଷେତ୍ରଟି ହେଉଛି ଏକ ଦୁଇ ଜଣ ଶିକ୍ଷକ ବିଶିଷ୍ଟ ଏବଂ କ୍ଷୁଦ୍ର ବିଦ୍ୟାଳୟରେ ବହୁଶ୍ରେଣୀ ଶିକ୍ଷାଦାନ ଦିଗରେ ବିଦ୍ୟାଳୟ ମୁଖ୍ୟଙ୍କର ବହୁବିଧ ଭୂମିକା ନିର୍ବାହ କରିବା। ଏହି ବିଦ୍ୟାଳୟଗୁଡ଼ିକର ବୈଶିଷ୍ଟ୍ୟ ହେଉଛି ଯେ ସେଠାରେ ଥିବା ଶିକ୍ଷକମାନଙ୍କର ଭୂମିକା, ବିଦ୍ୟାଳୟର ପରିସ୍ଥିତି, ସମ୍ବଳ ଏବଂ ସମୟ ଉପଯୋଗ ସମ୍ବନ୍ଧରେ ସୀମିତ ବୁଝାମଣା ଥାଏ। ଏହି ପରିପ୍ରେକ୍ଷୀରେ ଶିକ୍ଷକମାନଙ୍କୁ ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷାଦାନ ଏବଂ ଶିକ୍ଷଣ କିପରି ଫଳପ୍ରଦ କରିପାରିବେ ସେଥିପାଇଁ ସେମାନଙ୍କର ସଶକ୍ତିକରଣ ଏବଂ ସେମାନଙ୍କୁ ଉଚିତ ମାର୍ଗଦର୍ଶନ କରାଇବା ଏହି କ୍ଷେତ୍ରରେ ଲକ୍ଷ୍ୟ ରଖାଯାଇଛି।

- ଆଂଚଳିକ ଏବଂ ଶିକ୍ଷା ବ୍ୟବସ୍ଥା ପରିପ୍ରେକ୍ଷୀରେ ଅନନ୍ୟ ଆହ୍ୱାନଗୁଡ଼ିକୁ ବୁଝିବା।
- ଏକ ଅନ୍ତର୍ନିବେଶୀ ବାତାବରଣ ସୃଷ୍ଟି କରିବା ଯାହାକି ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିବିଧତା ପ୍ରତି ସମ୍ବେଦନଶୀଳ ହୋଇଥିବ।
- ପାଠ୍ୟକ୍ରମକୁ ପରିସ୍ଥିତି ଉପଯୋଗୀ କରିବା, ଉପଯୋଗୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରିବା ଏବଂ ଶିକ୍ଷାର୍ଥୀ ମୂଲ୍ୟାୟନ କୌଶଳ ସ୍ଥିର କରିବା।
- ଶିକ୍ଷାର୍ଥୀ ପରିଚାଳନା: ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଭାବ ବିନିମୟ, ବସିବା ବ୍ୟବସ୍ଥା ଏବଂ ଶିକ୍ଷାର୍ଥୀ ପ୍ରତି ଯତ୍ନ ଏବଂ ସହାୟତା ପ୍ରଦାନ।
- ଦଳଗତ ଶିକ୍ଷଣ: ସବୁଶ୍ରେଣୀ ସ୍ତରରେ, ସହପାଠୀ ଏବଂ ବିଭିନ୍ନ ବୟସର ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ।
- ବହୁଶ୍ରେଣୀ ଶିକ୍ଷଣ ପରିସ୍ଥିତିରେ ଶିକ୍ଷକ ଏବଂ ଶିକ୍ଷାର୍ଥୀମାନଙ୍କର ଫଳପ୍ରଦ ସମୟ ପରିଚାଳନା।

## ବିଶେଷ କ୍ଷେତ୍ର-୩:ସଂଘର୍ଷପୂର୍ଣ୍ଣ ଅଞ୍ଚଳରେ ବିଦ୍ୟାଳୟର ନେତୃତ୍ୱ

ସଂଘର୍ଷ ଏବଂ ବିପର୍ଯ୍ୟୟ ହେତୁ ଭାରତରେ ଅନେକ ଅଞ୍ଚଳରେ ଲୋକମାନଙ୍କର ଦୈନନ୍ଦିନ ଜୀବନ ବିପର୍ଯ୍ୟସ୍ତ ହେଉଛି। ଏପରି ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ ଅନେକ ପ୍ରକାର ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି: ବିଦ୍ୟାଳୟ କାର୍ଯ୍ୟକାରୀ ହେବାରେ ଅନିଶ୍ଚିତତା ଏବଂ ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀମାନଙ୍କ ମଧରେ ଥିବା ଭୟ ଏବଂ ଆବେଗିକ ଆଘାତ ଏପରି ପରିସ୍ଥିତିରେ ଦୈନନ୍ଦିନ ବିଦ୍ୟାଳୟ ପରିଚାଳନା, ପିଲାମାନଙ୍କର ବିଦ୍ୟାଳୟରେ ଯୋଗଦାନ କରିବାର ବ୍ୟବସ୍ଥା, ଗୋଷ୍ଠୀ ସଂପର୍କ ପ୍ରତିଷ୍ଠା କରିବା ଏବଂ ବିଦ୍ୟାଳୟର ଅଗ୍ରଗତି ପାଇଁ ସେମାନଙ୍କର ସହଯୋଗ ଆଦି କ୍ଷେତ୍ରରେ ବିଦ୍ୟାଳୟର ମୁଖ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହିପରି ଆହ୍ୱାନ ସବୁର ସମାଧାନ କରିବାରେ ଏହି ବିଶେଷ କ୍ଷେତ୍ରରେ ପ୍ରୟାସ କରାଯାଇଥାଏ।

- ପିଲାମାନେ ଭୟ ଏବଂ ମାନସିକ ଆଘାତର ସମ୍ମୁଖୀନ ହେବାରେ ସମର୍ଥ ହେବା ପାଇଁ ଏକ ସହାୟକ ବ୍ୟବସ୍ଥା ସୃଷ୍ଟି କରିବା।

- ଶ୍ରେଣୀ ଗୃହରେ ଏକ ମାନସିକ ଚାପମୁକ୍ତ ଶିଶୁ-କୈନ୍ଦ୍ରିକ ପରିବେଶ ସୃଷ୍ଟି କରିବା।
- ପିତାମାତାଙ୍କ ସହାୟତାରେ କୌଣସି ଅସ୍ୱାଭାବିକ ଘଟଣାରୁ ରକ୍ଷାପାଇବା ପାଇଁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଏକ ସୁରକ୍ଷାବଳୟ ସୃଷ୍ଟି କରିବା।
- ପିଲାମାନଙ୍କର ତଥା ବିଦ୍ୟାଳୟର ସ୍ୱାର୍ଥ ଓ ନିରାପତ୍ତା ରକ୍ଷାକରିବା ପାଇଁ ଗୋଷ୍ଠୀ ଏବଂ ପୋଲିସର ସହାୟତା ଲୋଡ଼ିବା।
- ଏକ ସକରାତ୍ମକ ମନୋବୃତ୍ତି ସୃଷ୍ଟି କରିବା ଏବଂ ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ପରସ୍ପରକୁ ସାହାସ ଦେବାରେ ଶିକ୍ଷାର୍ଥୀ, ଶିକ୍ଷକ ଏବଂ ବିଦ୍ୟାଳୟ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା, ସହାୟତା କରିବା ଏବଂ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା।
- ସାଂପ୍ରତିକ ଜୀବନର ବାସ୍ତବତାକୁ ବିଦ୍ୟାଳୟରେ ଆଲୋଚନା କରିବା ଏବଂ ସେସବୁକୁ ଶିକ୍ଷାଦାନ-ଶିକ୍ଷଣର ଅନ୍ତର୍ଭୁକ୍ତ କରିବା।

## ବିଶେଷ କ୍ଷେତ୍ର-୪ : ଦୁର୍ଗମ ଭୌଗୋଳିକ ପରିସ୍ଥିତି

କଷ୍ଟକର ଭୌଗୋଳିକ ପରିସ୍ଥିତିରେ ଚାଲୁଥିବା ବିଦ୍ୟାଳୟ ଯଥା ଘନବୃଷ୍ଟିପାତ ଅଂଚଳ, ମରୁଭୂମି, ପାର୍ବତ୍ୟ ଏବଂ ଉପକୂଳ ଅଂଚଳଗୁଡ଼ିକ ବର୍ଷର ନିର୍ଦ୍ଦିଷ୍ଟ ଋତୁଗୁଡ଼ିକ ସମୟରେ ଧ୍ୟାନ ଦେବା ଆବଶ୍ୟକ କରିଥାନ୍ତି। ଏଥିପାଇଁ ଭୌତିକ ଭିତ୍ତିଭୂମି ତଥା ପାଗର ବିଭେଦତା ଯାହା କି ବିଦ୍ୟାଳୟର ସ୍ୱାଭାବିକ ଅବସ୍ଥାରେ ବାଧା ସୃଷ୍ଟିକରେ ସେଗୁଡ଼ିକ ପ୍ରତି ଧ୍ୟାନ ଦେବା। ଏହାର ଉଦ୍ଦେଶ୍ୟ ହେଉଛି ବିଦ୍ୟାଳୟର ମୁଖ୍ୟମାନଙ୍କୁ ଏହିସବୁ ସମସ୍ୟାର ସଫଳ ସମାଧାନ ପାଇଁ ପ୍ରସ୍ତୁତ କରିବା।

- ଭୌଗୋଳିକ ପରିସ୍ଥିତି ଏବଂ ଜଳବାୟୁର ବିଭେଦତା ଦୃଷ୍ଟିରୁ ଋତୁଭିତ୍ତିକ କାର୍ଯ୍ୟ ନିଘଣ୍ଟ ପ୍ରସ୍ତୁତ କରିବା ଏବଂ କାର୍ଯ୍ୟକାରୀ କରିବା।
- ପାଠତ୍ୟାଗୀ ଏବଂ ଦୀର୍ଘଦିନ ଅନୁପସ୍ଥିତ ରହୁଥିବା ଶିକ୍ଷାର୍ଥୀମାନଙ୍କ ବିଦ୍ୟାଳୟରେ ପଢ଼ିବା ପାଇଁ ଗୋଷ୍ଠୀର ମୁଖ୍ୟ ଏବଂ ପିତାମାତାଙ୍କ ସହ ଆଲୋଚନା ମାଧ୍ୟମରେ ନିଶ୍ଚିତ କରିବା।
- ବିଦ୍ୟାଳୟରେ ଶୈକ୍ଷିକ ଏବଂ ମଧ୍ୟାହ୍ନଭୋଜନ ସାମଗ୍ରୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଏବଂ ଉପଯୁକ୍ତ ଭିତ୍ତିଭୂମି ନିର୍ମାଣ କରିବା ଯାହାକି ନିର୍ଦ୍ଦିଷ୍ଟ ଅବସ୍ଥିତି ଏବଂ ଜଳବାୟୁ ଜନିତ ଅସୁବିଧାକୁ ସାମନା କରିପାରିବା।
- ଅସହ୍ୟ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ନିଜକୁ ରକ୍ଷା କରିବା ପାଇଁ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କୁ ପ୍ରସ୍ତୁତ କରିବା।
- ଗୋଷ୍ଠୀ ସହିତ ଭାଗୀଦାରୀ ସଂପର୍କ ସ୍ଥାପନ କରି ଏହିସବୁ ସମସ୍ୟାଗୁଡ଼ିକର ମୁକାବିଲା କରିବା ପାଇଁ ବିଦ୍ୟାଳୟକୁ ପ୍ରସ୍ତୁତ କରିବା।

ସ୍ୱତନ୍ତ୍ର ପରିସ୍ଥିତିରେ ବିଦ୍ୟାଳୟର ମୁଖ୍ୟମାନଙ୍କୁ ସମସ୍ୟା ସମାଧାନ କରିବା, ସିଦ୍ଧାନ୍ତ ଗ୍ରହଣ କରିବା ଏବଂ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ କରିବା ଦିଗରେ ସହାୟତା ପ୍ରଦାନ କରିବା ପାଇଁ ପାଠ୍ୟକ୍ରମରେ ଉଦ୍ୟମ କରାଯାଇଛି।

# ସାମଗ୍ରୀ ବିକାଶ
# ଅନୁକୂଳନ ଏବଂ ପ୍ରାସଙ୍ଗିକରଣ

ବିଦ୍ୟାଳୟ ଶିକ୍ଷାର ଜଟିଳ ସମସ୍ୟାଗୁଡ଼ିକର ପ୍ରତ୍ୟେକ ମୁଖ୍ୟ ଭାଗ ଏବଂ ତହିଁର ମୂଳ ଏକକ ଉପରେ ବହୁ ପ୍ରକାରର ଭାବ ଆଦାନପ୍ରଦାନ ମୂଳକ ଏବଂ ସହଜରେ ପଠନୀୟ ବିଷୟବସ୍ତୁ ଶିକ୍ଷଣ ସୁଯୋଗ ପ୍ରଦାନ କରିବା ଉଦ୍ଦେଶ୍ୟରେ ମଡ୍ୟୁଲ ଆକାରରେ ପ୍ରସ୍ତୁତ କରାଯିବ। ବିଭିନ୍ନ ଉତ୍ସରୁ ସଂଗୃହିତ ଏବଂ ଏକତ୍ରିତ କରାଯାଇଥିବା ମଡ୍ୟୁଲମାନଙ୍କର ଏକ ସଂଗ୍ରହ ପ୍ରସ୍ତୁତ କରାଯିବ। ବହୁବିଧ ପ୍ରସଙ୍ଗରେ ବିଦ୍ୟାଳୟ ମୁଖ୍ୟମାନଙ୍କ ସହ କେଉଁ ପ୍ରକାରର ସଂପୃକ୍ତି ରହିବ ତା'ଉପରେ ଆଧାର କରି ସାମଗ୍ରୀଗୁଡ଼ିକୁ ବିଭିନ୍ନ ପ୍ରକାରର ମିଶ୍ରଣ ମାଧ୍ୟମରେ ପ୍ରାସଙ୍ଗିକରଣ କରିବା ପାଇଁ ସାଧନ ଗୋଷ୍ଠୀ ଏବଂ ସାଧନକର୍ମୀଙ୍କ ପାଖରେ ଯଥେଷ୍ଟ ବିକଳ୍ପ ଏହାଦ୍ୱାରା ଉପସ୍ଥାପନ କରାଯାଇପାରିବ।

- ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଭିତ୍ତିକ ମଡ୍ୟୁଲ: ପ୍ରାରମ୍ଭିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁଖ୍ୟମାନଙ୍କର ବିଭିନ୍ନ ପ୍ରକାରର ଆବଶ୍ୟକତାର ସମାଧାନ କରିବା ଏବଂ ବିଦ୍ୟାଳୟମାନଙ୍କର ଭବିଷ୍ୟତରୁ ଆଶାୟୀ ମୁଖ୍ୟମାନଙ୍କୁ ବିବିଧ ପ୍ରସଙ୍ଗରେ ନେତୃତ୍ୱର ଆବଶ୍ୟକତା କରାଇବା।
- ନିର୍ଦ୍ଦିଷ୍ଟ-ସମସ୍ୟା ଭିତ୍ତିକ ମଡ୍ୟୁଲ: ଦେଶର ବିବିଧ ପ୍ରକାରର ବିଦ୍ୟାଳୟ ମାନଙ୍କର ପ୍ରାସଙ୍ଗୀକ ଆହ୍ୱାନ ଏବଂ ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବା।

ରାଜ୍ୟମାନଙ୍କଠାରୁ ସଂଗୃହିତ ସାମଗ୍ରୀମାନଙ୍କ ମଧ୍ୟରେ ବାସ୍ତବ ଘଟଣା ଅଧ୍ୟୟନ ବିଶ୍ଳେଷଣ ମାନ (Case Studies) ଅନ୍ତର୍ଭୁକ୍ତ ହେବ। ରାଜ୍ୟ ସାଧନଗୋଷ୍ଠୀମାନଙ୍କ ସହ ଏକାଧିକ କର୍ମଶାଳା ମାଧ୍ୟମରେ ଏହି ପାଠ୍ୟକ୍ରମ ରୂପରେଖ ଏବଂ ସାମଗ୍ରୀମାନ ରାଜ୍ୟ ପରିଚାଳିତ ବିଦ୍ୟାଳୟମାନଙ୍କରେ ବାସ୍ତବତାର ନିକଟତମ କରାଯାଇପାରିବ।

# ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର - ନୀପା

ଫଳପ୍ରଦ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ବିଦ୍ୟାଳୟର ପରିବର୍ତ୍ତନ ଏକ ଦୃଢ଼ ଏବଂ ଉପଯୁକ୍ତ ସୂଚନାଯୁକ୍ତ ନେତୃତ୍ୱ ଆବଶ୍ୟକତା କରିଥାଏ ଯାହାକି ପରିବର୍ତ୍ତନ ଏବଂ ଅଭିନବ ପ୍ରକ୍ରିୟାରେ ନିୟୋଜିତ ହେବାର ସାମର୍ଥ୍ୟ ପ୍ରତିଷ୍ଠା କରିଥାଏ। ନୀପା ଅଭିଜ୍ଞତା ବିନିମୟ ଏବଂ ତାଲିମ ଦେବା ପାଇଁ ବିଦ୍ୟାଳୟ ମୁଖ୍ୟଙ୍କ ସହିତ ପ୍ରଶାସକମାନଙ୍କୁ ଏକତ୍ରଭାବେ ନିମନ୍ତ୍ରଣ କରିଥାଏ। ଏଭଳି ପ୍ରଚେଷ୍ଟାକୁ ଆହୁରି ଅଧିକ ମହତ୍ତ୍ୱପୂର୍ଣ୍ଣ ଭାବେ ବୃଦ୍ଧି କରିବାର ଆବଶ୍ୟକତା ଅନୁଭୂତ ହେଉଛି। ଏହି ଉଦ୍ଦେଶ୍ୟ ସାଧନ ଦିଗରେ ନୀପାରେ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ସ୍ଥାପନ ଏକ ପଦକ୍ଷେପ।

ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ଯାହାଫଳରେ ଏହା ନେତୃତ୍ୱ ନେବା ସାମର୍ଥ୍ୟର ପରିବର୍ତ୍ତନ ଆଣିବା ସଙ୍ଗେସଙ୍ଗେ ପରବର୍ତ୍ତୀ ସମୟରେ ବିଦ୍ୟାଳୟ ରୂପାନ୍ତରଣର ନେତୃତ୍ୱ ନେବ। ଏହି ଲକ୍ଷ୍ୟକୁ ହାସଲ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ବିଦ୍ୟାଳୟ ନେତୃତ୍ୱ କେନ୍ଦ୍ର ବିଦ୍ୟାଳୟ ମୁଖ୍ୟଙ୍କୁ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମରେ ନିୟୋଜିତ କରିବାର ଯୋଜନା କରିଛି। ଏହା ପାଠ୍ୟକ୍ରମ ଉପରେ ପର୍ଯ୍ୟବସିତ ରାଜ୍ୟରେ ଥିବା ବିବିଧତା, ସମସ୍ୟା ଏବଂ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ। ଅନୁଷ୍ଠାନ ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ପାଇଁ କେନ୍ଦ୍ର ଉତ୍ସାହିତ କରିବ ଏବଂ ଏହି ସଂପର୍କୀତ ଅନ୍ୟ ଅନୁଷ୍ଠାନଗୁଡ଼ିକ ସହିତ ମଧ ସଂପର୍କ ସ୍ଥାପନ କରି ଅନୁଭୂତିର ଅର୍ଥପୂର୍ଣ୍ଣ ଯୋଗାଯୋଗ, ସମସ୍ୟା ସମାଧାନ, ଶିକ୍ଷଣ ଓ ଅନ୍ୟାନ୍ୟ ଶିକ୍ଷଣ ନିମନ୍ତେ ସହାୟତା ଦେବ। ଏହା ମଧ୍ୟ ବିଦ୍ୟାଳୟ ଶିକ୍ଷାର ନୀତିନିୟମ ତଥା ନେତୃତ୍ୱ ଉପରେ ଗବେଷଣା କରିବା ପାଇଁ ଆୟୋଜନ କରିବ ଏବଂ ପ୍ରୋତ୍ସାହିତ କରିବ ଯାହା ପ୍ରଣାଳୀଗତ ଏବଂ ସଂସ୍ଥାଗତ ସ୍ତର ଉପରେ ତଥ୍ୟ ଆଧାରିତ ହୋଇ ନିର୍ଣ୍ଣୟ ହୋଇଥିବ। କେନ୍ଦ୍ର ଏହି ବିଦ୍ୟାଳୟ ନୀତିନିୟମ ତଥା ନେତୃତ୍ୱ କ୍ଷେତ୍ରରେ ସମସ୍ତ ବିକାଶମୂଳକ ସୂଚନା ପାଇଁ ଏକ ଭଣ୍ଡାର ଘର ପରି କାର୍ଯ୍ୟ କରିବ।

ସରକାରୀ ଏବଂ ସରକାରୀ ସାହାଯ୍ୟ ପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ପ୍ରାରମ୍ଭିକ ସ୍ତରଠାରୁ ମାଧ୍ୟମିକ ସ୍ତର ଉଚ୍ଚତର କାର୍ଯ୍ୟରତ ଶିକ୍ଷକ, ବିଦ୍ୟାଳୟ ମୁଖ୍ୟ, ବରିଷ୍ଠ ଅଧ୍ୟାପକ, ନବନିଯୁକ୍ତ ଅଧ୍ୟକ୍ଷ ଏବଂ ପ୍ରଶାସକ ଏ ସମସ୍ତେ ବିଦ୍ୟାଳୟ ନେତୃତ୍ୱ କାର୍ଯ୍ୟକ୍ରମରେ ପରିସରଭୁକ୍ତ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ସ୍ତରରେ ଅର୍ଥାତ୍ ଅନୁଷ୍ଠାନ, ଗ୍ରାମ, ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ନେତୃତ୍ୱର ବିକାଶ କରାଇ ବିଦ୍ୟାଳୟ ଏବଂ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପରିଚାଳନା ଏବଂ ନେତୃତ୍ୱରେ ପରିବର୍ତ୍ତନ ଆଣିବା।

**National Centre for School Leadership**
**National Institute of Educational Planning and Administration**
17-B, Sri Aurobindo Marg, New Delhi-110016 (INDIA)
EPABX Nos. : 26565600, 26544800
Fax : 91-011-26853041, 26865180